## ସଂକ୍ଷେପରେ

### ରାଜଗାଙ୍ଗପୁରରେ ଶିକ୍ଷକଙ୍କ ଆତ୍ମହତ୍ୟା

**ରାଜଗାଙ୍ଗପୁର, ୧୩।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳର ୱାର୍ଡ ନଂ. ୧ କୁମ୍ଭାରପଡା ନିବାସୀ ପଣ୍ଡିତ ଶିକ୍ଷକ ସଞ୍ଜୟ ପରୱାର(୪୯)ଙ୍କ ଆତ୍ମହତ୍ୟା ସହରରେ ଏକ ଭିନ୍ନ ବାତାବରଣ ସୃଷ୍ଟି କରିଛି। ସଞ୍ଜୟ ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଚୁର୍ଙ୍ଗିମାଟି, କାଂଶବାହାଲଠାରେ ସଂସ୍କୃତ ଶିକ୍ଷକଭାବେ ପିଲାମାନଙ୍କୁ ପାଠ ପଢାଉଥିଲେ। ସେ ଜଣେ ଶାନ୍ତ ଓ ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ବୁଧବାର ସକାଳେ ଶିକ୍ଷକ ତାଙ୍କ ନିଜ ବାସଭବନର ୪ ତାଲା ଉପରେ ଥିବା ଏକ ରୁମ ଭିତରେ ନିଜର ବେକରେ ଚୁନିବାନ୍ଧି ଛାତରୁ ଝୁଲି ଆତ୍ମହତ୍ୟା କରିଛନ୍ତି। ତାଙ୍କ ସ୍ତ୍ରୀ ଏଣେତେଣେ ଖୋଜାଖୋଜି କରି ପଣ୍ଡିତଙ୍କୁ ନ ପାଇବାରୁ ୪ତାଲାରେ ଯାଇ ଝୁଲିରହିଥିବା ଦେଖି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ପାଖପଡୋଶୀ ଘଟଣା ସ୍ଥଳରେ ପହଞ୍ଚି ପଣ୍ଡିତଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ନେଇଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ଯେ ସେ ବହୁତ କାର୍ଯ୍ୟ ଭାର ଚାପ ଅନୁଭବ କରୁଥିଲେ। ବୁଧବାର ସେ ଚାକିରିରୁ ଇସ୍ତଫା ଦେବା ପାଇଁ ସ୍ଥିର କରିଥିଲେ। ତାଙ୍କର ମୃତ୍ୟୁରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

**ଲହୁଣୀପଡ଼ା, ୧୩।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ ଝୁମ୍ପୁଡି ବସ୍ତିରେ ରହୁଥିବା ବେନେଞ୍ଜର ଲୁଗୁନ(୪୦) ବେକରେ ଶାଢୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବେନେଞ୍ଜରଙ୍କ ସ୍ତ୍ରୀ ଘରେ ନ ଥିବାବେଳେ ସେ ଏକୁଟିଆ ଘରେ ଥିଲେ। ଏହାର ସୁଯୋଗ ନେଇ ଘର ଭିତରେ ବେକରେ ଶାଢୀ ବାନ୍ଧି ଆତ୍ମହତ୍ୟା କରିଦେଇଥିଲେ। ତାଙ୍କ ସ୍ତ୍ରୀ ଆସି ଦେଖି ପଡିଶା ଲୋକଙ୍କୁ କହିବା ସହିତ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ଉଠା ଜଳସେଚନ ପ୍ରକଳ୍ପରୁ ପାଣି ମୋଟର ଚୋରି

**କୁତ୍ରା, ୧୩।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ କୁରୁଙ୍ଗା ଗୌଣ୍ଡିଆପଡାଠାରେ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ୯୫.୯୮ ଲକ୍ଷ ବ୍ୟୟ ଅଟକଳ ମୂଲ୍ୟରେ ନିର୍ମାଣ ହୋଇଥିବା ଉଠାଜଳସେଚନ ପ୍ରକଳ୍ପରୁ ଦୁର୍ବୃତ୍ତମାନେ ୩ଟି ମୋଟର ଚୋରିକରି ନେଇଥିବା ଜଣାପଡିଛି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୪୦ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇବା ନିମନ୍ତେ ନିର୍ମାଣ କରାଯାଇଛି। ତେବେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଏପର୍ଯ୍ୟନ୍ତ କାହାରିକୁ ହସ୍ତାନ୍ତର ହୋଇ ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଏହି ପ୍ରକଳ୍ପରୁ ଗତ ମେ ୧୮ ତାରିଖ ମଧ ଦୁଇଟି ମୋଟର ଚୋରି ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ମୋଟର ଏବଂ ଚୋରର କୌଣସି ଖବର ମିଳିନାହିଁ। ବାରମ୍ବାର ଚୋରି ହେଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ଚୋରଙ୍କୁ ଧରିବା ପାଇଁ ଦାବି ହେଉଛି।

### ବୃଦ୍ଧ ନିଖୋଜ : ଥାନାରେ ଅଭିଯୋଗ

**ରାଉରକେଲା ଅଫିସ, ୧୩।୭:** ସେକ୍ଟର-୩ ଥାନା ଅନ୍ତର୍ଗତ ଡି ବ୍ଲକରେ ବାସ କରୁଥିବା ଜଣେ ବୃଦ୍ଧ ନିଖୋଜକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ନିଖୋଜ ଥିବା ବୃଦ୍ଧଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି। ସୂଚନାଯୋଗ୍ୟ ସେକ୍ଟର-୪ସ୍ଥିତ ଡି ବ୍ଲକରେ ନକୁଳ ଚନ୍ଦ୍ର ସ୍ୱାଇଁ(୬୪) ପରିବାର ସହ ବାସ କରନ୍ତି। ଗତ ଜୁଲାଇ ୧୦ ତାରିଖ ସେକ୍ଟର-୫ ଅଞ୍ଚଳରେ ଗୁଣ୍ଡିଚା ମନ୍ଦିର ଯାଇଥିବାବେଳେ ପୁନଃ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ରାଉରକେଲା ସହରରେ ବହୁ ଖୋଜାଖୋଜି କରିବା ପରେ ନିଖୋଜ ଥିବା ବୃଦ୍ଧଙ୍କୁ ପାଇ ନ ଥିବାରୁ ତାଙ୍କ ସ୍ତ୍ରୀ ପ୍ରତିମା ସ୍ୱାଇଁ ବୁଧବାର ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରି ଦେଇଛି।



ଭରା ନାଳ ପାରହୋଇ ପିଲାମାନେ ଅଙ୍ଗନୱାଡ଼ି ଯାଉଛନ୍ତି।

# ନାଳ ପାରହୋଇ ଅଙ୍ଗନୱାଡି ଯାଉଛନ୍ତି ପିଲା

**ଟେନ୍‌ସା, ୧୩।୭(ଡି.ଏନ୍.ଏ.)**

## ଅଙ୍ଗନୱାଡ଼ି କର୍ମୀ ପାଲଟିଛନ୍ତି ସାହାଭରସା

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ଗ୍ରାମପଞ୍ଚାୟତ ଓରାଘାଟ ଗ୍ରାମରେ ବୁଧବାର ଭରା ନାଳ ପାରହୋଇ ପିଲାମାନେ ଅଙ୍ଗନୱାଡି ଯାଉଥିବା ଦେଖିବାକୁ ମିଳିଛି। ଓରାଘାଟ ଗାଁର ଗୋପିସାହିରେ କୌଣସି ଅଙ୍ଗନୱାଡି କେନ୍ଦ୍ର ନାହିଁ। ଏହି ସାହିର ପିଲାମାନେ ଓରାଘାଟ ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭର କରନ୍ତି। ଓରାଘାଟ ଓ ଗୋପିସାହି ମଧ୍ୟରେ ଏକ ନାଳ ପ୍ରବାହିତ। ପ୍ରତିଦିନ ପିଲାମାନେ ଅଙ୍ଗନୱାଡି କର୍ମୀଙ୍କ ସହିତ ଏହି ନାଳ ପାରହୋଇ ଅଙ୍ଗନୱାଡି କେନ୍ଦ୍ରକୁ ପଢିବାକୁ ଯାଇଥାନ୍ତି। ନାଳ ଉପରେ ପୋଲ ନ ଥିବାରୁ ଏହି ନାଳ ହିଁ ପାରିହେବାକୁ ପଡ଼ିଥାଏ। ତେବେ ଗୋଟିଏ ଦିନର ଘଟଣା ନୁହେଁ, ସବୁଦିନ ନାଳ ପାରହୋଇ ଯିବାକୁ ପଡ଼ିଥାଏ। ବର୍ଷା ଦିନରେ ଯିବାଆସିବାରେ ଅସୁବିଧା ହୋଇଥାଏ। ବର୍ଷା ହେଲେ ନାଳରେ ଅଧିକ ପାଣି ଆସିଲେ ପିଲାମାନେ ଅଙ୍ଗନୱାଡି କେନ୍ଦ୍ର ଯାଇପାରନ୍ତି ନାହିଁ। ବୁଧବାର ପାଣିଭରା ନାଳରେ ଦୟନୀୟ ଅବସ୍ଥାରେ ଅଙ୍ଗନୱାଡି କର୍ମୀ ପାନମଣୀ ମୁଣ୍ଡା ଓ ଅନ୍ୟମାନେ ଛୋଟ ପିଲାମାନଙ୍କୁ ନେଇ ପାରିହେଉଥିବା ଦେଖିବାକୁ ମିଳିଥିଲା। ନାଳରେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ଅଙ୍ଗନୱାଡି କର୍ମୀ କାଖେଇ ପିଲାଙ୍କୁ ନାଳ ପାରି କରିଥିଲେ। ବର୍ଷା ଋତୁରେ ଅଧିକାଂଶ ଦିନ ଅଙ୍ଗନୱାଡି କର୍ମୀ ପିଲାଙ୍କୁ କାଖେଇ ନାଳ ପାରିକରନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ନାଳରେ ଏକ ପୋଲ ତିଆରି କରିବା ଜରୁରୀ ଆବଶ୍ୟକ ହୋଇପଡ଼ିଛି।

# ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ

**ଦେବଗଡ଼, ୧୩।୭(ଡି.ଏନ୍.ଏ.)**

ଦେବଗଡ ଜିଲାପାଳଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ ରଥକୁ ଅତିରିକ୍ତ ଜିଲାପାଳ ରେବିକା ବେଲୁଙ୍ଗ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ୫ଦିନ ଧରି ଜିଲାର ବ୍ଲକ ଓ ଗ୍ରାମାଞ୍ଚଳରେ ପରିଭ୍ରମଣ କରି ଲୋକମାନଙ୍କୁ ସଚେତନ କରିବ। ଜିଲା ପ୍ରଶାସନ ଓ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ବାଲ୍ୟ ବିବାହ ନିଷେଧ, ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଓ ଜାମିନୀ ବିହୀନ ଅପରାଧ, ବାଲ୍ୟ ବିବାହ ଅଧିନିୟମ ୨୦୦୬ ଧାରା ଦଣ୍ଡନୀୟରେ ଦଣ୍ଡିତ କରାଯିବ, ପୁଅକୁ ୨୧ବର୍ଷ ଓ ଝିଅକୁ ୧୮ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ ନିଷେଧ ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ଜିଲା ପ୍ରଶାସନ ଓ ସମାଜ କଲ୍ୟାଣ ବିଭାଗର ଏହି ସଚେତନତା ଅଭିଯାନ ୧୩ ରୁ ୨୧ ଜୁଲାଇ ପର୍ଯ୍ୟନ୍ତ ବ୍ଲକ ଏବଂ ଗ୍ରାମାଞ୍ଚଳରେ ଚାଲିବ। ଏହି ସମାରୋହରେ ଜିଲା ସମାଜ କଲ୍ୟାଣ ଅଧିକାରୀ ନରହରି ସିଂହ, ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଡେପୁଟି କଲେକଟର ସିପ୍ରା ସେଠି, ପ୍ରୋଜେକ୍ଟ ଅଫିସର ରୋଜାଲିନ କେରକେଟା, ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଙ୍ଗନବାଡି କର୍ମୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ ରଥକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରାଯାଉଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଡ଼ଗାଁ, ୧୩।୭(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ବିଡିଓ କ୍ଷମାନିଧି ଭୋଇ, ଅତିରିକ୍ତ ତହସିଲଦାର ବିନୟ କୁଲୁ, ଏବିଡିଓ ଉଷାବତୀ ଗର୍ଡ଼ିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ମୁର୍ମୁ ଭୀମଭୋଇଙ୍କ ଫଟୋଚିତ୍ରରେ ଫୁଲଦେଇ ଓ ଦୀପ ପ୍ରଜ୍ୱଳନ କଲାପରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବଡ଼ଗାଁ ଆଇଟିଆଇ ଏବଂ ହାଇସ୍କୁଲର ସ୍କାଉଟସ, ଗାଇଡ୍‌ସ ଛାତ୍ରୀଛାତ୍ର ଭିନ୍ନକ୍ଷମଙ୍କୁ ସେବା ଯୋଗାଇଥିଲେ। ବ୍ଲକ ଅଫିସର କର୍ମଚାରୀମାନେ ଶିବିର ପରିଚାଳନା କରିଥିଲାବେଳେ ସୁନ୍ଦରଗଡ ମେଡିକାଲର ଡାକ୍ତରୀଦଳ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପୂର୍ବରୁ ହସ୍ତଲିଖିତ ଭିନ୍ନକ୍ଷମ ପ୍ରମାଣପତ୍ରକୁ ଅନ୍‌ଲାଇନ କରିଥିବା ଭିନ୍ନକ୍ଷମଙ୍କୁ ନୂତନ ପ୍ରମାଣପତ୍ର ପାଇଁ ରେଜିଷ୍ଟ୍ରେଶନ କରାଯାଇଥିଲା। ତେବେ ଭିନ୍ନକ୍ଷମଙ୍କୁ ପୁରୁଣା ପ୍ରମାଣପତ୍ର ଅନ୍‌ଲାଇନ କରିବାକୁ କୁହାଯାଇ ନ ଥିବାରୁ ସେମାନେ ଶିବିରକୁ ଆସି ହଇରାଣ ହୋଇଥିଲେ। ଶିବିରରେ ୨୨୭ ଅସ୍ଥି ଶଲ୍ୟ, ୬୧ ଦୃଷ୍ଟି ବାଧିତ, ୫୭ ଶ୍ରବଣ, ୪୨ ମାନସିକ ଅନଗ୍ରସର, ୧୨ ଜଣ ସିକିଲ ସେଲ ଭିନ୍ନକ୍ଷମଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏହି



ଭିନ୍ନକ୍ଷମଙ୍କୁ ଶିବିରକୁ ନିଆଯାଉଛି।

## ଶିବିରରେ ବୃଦ୍ଧାଙ୍କ ମୃତ୍ୟୁ

ଶିବିରକୁ ଆସିଥିବା ଗରିଆମାଲ ଗାଁର ସଂକୀର୍ତ୍ତନ କିଣ୍ଡୋଙ୍କ ସ୍ତ୍ରୀ ଦୁତି କିଣ୍ଡୋ ବେହୋସ ହୋଇ ପଡିଯାଇଥିଲେ। ତାଙ୍କୁ ଶିବିରରେ ଉପସ୍ଥିତ ବ୍ଲକ ଅଧକ୍ଷା ସୋରେଙ୍ଗ, ତୁଡାଲଗା ସରପଞ୍ଚ ସୁଦୀପ ବାଡାଙ୍କ ସହିତ ବ୍ଲକ କର୍ମଚାରୀମାନେ ଆମ୍ବୁଲାନ୍ସ ଡକାଇ ବଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ। ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ହୃଦୟଜନିତ ରୋଗରେ ପୀଡ଼ିତ ଥିଲେ ବୋଲି ଜଣାପଡିଛି।

## ଘରୁ ତାଲା ଭାଙ୍ଗି ଚୋରି ଅଭିଯୋଗ, ୫ କୋର୍ଟ ଚାଲାଣ

**ଲେଫ୍ରିପଡା, ୧୩।୭(ଡ଼ି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ବଡଖଲିଆ ଗ୍ରାମରେ ଘରୁ ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗରେ ପୋଲିସ ପାଞ୍ଚ ଜଣକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ସେହି ବଡଖଲିଆ ଓରାମପଡାର ନରେଶ ଓରାମ (୨୭), ପାଣ୍ଡ ମହାନନ୍ଦିଆ (୩୩), ପ୍ରଦୀପ ଓରାମ (୩୨), ଛଟେନପାଲି ଗ୍ରାମର ସୁନୀଲ କଉଡ଼ି (୩୦), କୁଲାବିରା ତିଲପଡା ଗ୍ରାମର ରୂପଧର ସା (୪୪) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବଡଖଲିଆ ଗ୍ରାମର ପ୍ରଶାନ୍ତ ପଟେଲ ପ୍ରାୟ ସୁନ୍ଦରଗଡ ଠାରେ ରହୁଥିବାରୁ ତାଙ୍କର ଘରୁ ତାଲା ଭାଙ୍ଗି ଦୁଇଟି ପାଣି ମୋଟର ଚୋରି ହୋଇଥିବା ବେଳେ ପ୍ରଶାନ୍ତଙ୍କ ପଡୋଶୀ ଉଷାବତୀ ପଟେଲଙ୍କ ଘରୁ ସିଲିଂ ଫ୍ୟାନ ଏବଂ ଧାନ ଚୋରି ହୋଇଥିଲା। ଏ ନେଇ ପ୍ରଶାନ୍ତ ଲେଫ୍ରିପଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଥାନା ଆଇଆଇସି ସୁମନ୍ତ କୁମାର ନାଏକ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ଗିରଫ କରି ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା (ନଂ. ୧୨୭ /୨୦୨୨) ରୁଜୁ ହୋଇଛି।

# ବିଶ୍ୱ ଜନସଂଖ୍ୟା ଦିବସ ପାଳନ

**ଦେବଗଡ଼, ୧୩।୭(ଡି.ଏନ୍.ଏ.)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନ ଦାଶ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବିଶ୍ୱ ଜନସଂଖ୍ୟା ଦିବସ ପାଳନ ସଭାକୁ ସେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲାରେ ଜନସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଜନ୍ମର ବ୍ୟବଧାନ ଉପରେ କହିଥିଲେ। ଏହି ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପରିବାର ନିୟୋଜନ ଅସ୍ତ୍ରୋପଚାର, ଜନସଂଖ୍ୟା ନିୟନ୍ତ୍ରଣ ଉପରେ କହିଥିଲେ। ବୈଠକରେ ଡାକ୍ତର ଧନୁଜୟ ମହନ୍ତ, ଡିପିଏମ୍ ଉମେଶ ପ୍ରସାଦ ଷଡ଼ଙ୍ଗୀ, ନରେଶ ଚନ୍ଦ୍ର ଦାଶ, ଜ୍ୟୋତ୍ସ୍ନାରାଣୀ ଶର୍ମା, ଡାକ୍ତର ଏ.ସି ମଣ୍ଡଳ, ପି.କେ ଓଝା ଓ ସମସ୍ତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବଜ୍ରପାତରେ ଆଜବେଷ୍ଟସ ଭାଙ୍ଗି କ୍ଷୟକ୍ଷତି, ଜଣେ ଆହତ



କୁତ୍ରା ମେଡ଼ିକାଲରେ ଆହତ ମହିଳାଙ୍କୁ ଚିକିତ୍ସା କରାଯାଉଛି।

**କୁତ୍ରା, ୧୩।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲାଫୁଁରବେଡା ଗ୍ରାମରେ ବଜ୍ରପାତ ଯୋଗୁ ଜଣେ ବ୍ୟକ୍ତିଙ୍କ ଆଜବେଷ୍ଟସ ଭାଙ୍ଗିବା ସହିତ ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଛି। ଏହା ସହିତ ଜଣେ ଆହତ ହୋଇଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ୪ଟାବେଳେ ହଠାତ୍ ବର୍ଷା ସାଙ୍ଗକୁ ଜୋରରେ ବଜ୍ରପାତ ହୋଇଥିଲା। ଫଳରେ ଲାଫୁଁରବେଡା ଗ୍ରାମର ଦୁପକ ବାଡ଼ାଇକ(୩୦)ଙ୍କ ଘରର ଆଜବେଷ୍ଟସ ଭାଙ୍ଗି ଯାଇ ଘର ଭିତରେ ପଡିଥିଲା ଏବଂ ଏହା ସହିତ ବିଦ୍ୟୁତ୍ ତାର, ବୋର୍ଡ ଖରାପ ହେବା ସହିତ ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଛି। ତାଙ୍କ ସ୍ତ୍ରୀ ବେବି ଜାମକିଆର(୨୨) ଆହତ ହୋଇଛନ୍ତି। ଫଳରେ ତାଙ୍କୁ କୁତ୍ରା ମେଡ଼ିକାଲକୁ ଆଣି ଚିକିତ୍ସା କରାଯାଉଛି। ତେବେ ବର୍ତ୍ତମାନ ତାଙ୍କ ଦେହ ସୁସ୍ଥ ଥିବା ଜଣାପଡ଼ିଛି।

# ଭେଡାବାହାଲ ଲ୍ୟାମ୍ପସ ପ୍ରଥମ ସାଧାରଣ ବୈଠକ, ନୂତନ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**ସୁନ୍ଦରଗଡ଼, ୧୩।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ସଦର ବ୍ଲକ ଭେଡାବାହାଲ ଲ୍ୟାମ୍ପର ନୂତନ ପରିଚାଳନା ବୋର୍ଡ଼ର ପ୍ରଥମ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ନବନିର୍ବାଚିତ ସଦସ୍ୟ ଯୋଗ ଦେଇଥିଲେ। ଏମତି ପରିଚାଳନା ବୋର୍ଡ଼ର ନୂତନ ସଭାପତି ଭାବେ ଭୀମସେନ ନାୟକ ଓ ଉପସଭାପତି ଭାବେ ଚମେଲୀ ଓରାମ ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ଲ୍ୟାମ୍ପ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ସହ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇ ସମସ୍ତଙ୍କ ପରିଚୟ ପ୍ରଦାନ କରାଯିବା ସହ ଆଗାମୀ ଦିନରେ କିପରି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା କରାଯିବ ସେ ଉପରେ ଆଲୋକପାତ କରାଯାଇଥିଲା। ଲ୍ୟାମ୍ପର ନୂତନ ସଭାପତି ଭାବେ ଭୀମସେନ ନାୟକ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ବଡ଼ଗାଁ, ୧୩।୭ (ଡି.ଏନ୍.ଏ.)**

ବଡ଼ଗାଁ ବ୍ଲକ ଏକମା ଗାଁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ପରିସର ଓ ଖେଳ ପଡ଼ିଆ ପାର୍ଶ୍ୱରେ ବୁଧବାର ବଡ଼ଗାଁ ବିଜେଡି ଓ ଯୁବ ବିଜେଡି ପକ୍ଷରୁ ବୃକ୍ଷ ରୋପଣ କାର୍ଯକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯକ୍ରମରେ ବିଜେଡି ଜିଲା ସଭାପତି ବିନୟ ଟପୋ ମୁଖ୍ୟ ଅତିଥି ଓ ଅତିଥି ଭାବେ ଯୁବ ବିଜେଡି ରାଜ୍ୟ କାର୍ଯକାରୀ ସଭାପତି ବୈକୁଣ୍ଠ ନାଏକ, ଯୁବ ବିଜେଡି ଜିଲା ସଭାପତି ଦେବେନ୍ଦ୍ର ମାଝୀ, ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ, ଜିଲା ସମ୍ପାଦକ ଦେବାଶିଷ ପୁରୋହିତ, କର୍ମକର୍ତ୍ତା ସନ୍ୟାସୀ ମାଝୀ, ରଜତ ମହାପାତ୍ର, ସୋନୁ ଦାସ ଯୋଗଦେଇଥିଲେ। ବିଜେଡି କର୍ମକର୍ତ୍ତା ଖେଳପଡ଼ିଆ ପାର୍ଶ୍ୱ, ହଷ୍ଟେଲ ପରିସରରେ ବିଭିନ୍ନ ଚାରା ରୋପଣ କରିଥଲେ। ପ୍ରଧାନ ଶିକ୍ଷକ ସୁରେଶ ମାଝୀ ସ୍କୁଲ ଖେଳ ପଡିଆରେ ପାଚେରି ନିର୍ମାଣ ନେଇ ବିଜେଡି ଜିଲା ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଯୁବ ବିଜେଡି ପକ୍ଷରୁ ବୃକ୍ଷ ରୋପଣ କରାଯାଉଛି।

# ଚାଷୀଙ୍କୁ ଠିକ୍ ଭାବେ ସାର, ଧାନବିହନ ଯୋଗାଣ ଉପରେ ଗୁରୁତ୍ୱ

**ଲେଫ୍ରିପଡ଼ା, ୧୩।୭(ଡ଼ି.ଏନ.ଏ.)**

- ଲେଫ୍ରିପଡ଼ା ଲ୍ୟାମ୍ପସର ପ୍ରଥମ ପରିଚାଳନା ପରିଷଦ ବୈଠକ
- ଲ୍ୟାମ୍ପସର ସଭ୍ୟ, କର୍ମଚାରୀଙ୍କ ବୃକ୍ଷ ରୋପଣ

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଲ୍ୟାମ୍ପସର ପ୍ରଥମ ପରିଚାଳନା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ପରିଚାଳନା ପରିଷଦର ସଭାପତି ସୁନୀଲ କୁମାର କାଲୋ ସଭାପତିତ୍ୱ କରି ଥିଲେ। ବୈଠକର ପ୍ରାରମ୍ଭରେ ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ ନବନିର୍ବାଚିତ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇ ଲ୍ୟାମ୍ପସର ବିଭିନ୍ନ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଏଥିମଧ୍ୟରେ ଚାଷୀଙ୍କ ପାଇଁ ଋଣ ପ୍ରଦାନ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣପ୍ରଦାନ, ଚାଷୀଙ୍କୁ ଠିକ ଭାବେ ସାର ଏବଂ ଧାନ ବିହନ ଯୋଗାଣ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଥିଲା। ଚାଷୀମାନେ ଯେପରି ଠିକ୍ ଭାବେ ସାର ଓ ବିହନ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଚଳିତ ଖରିଫ ଧାନ ଚାଷ ପାଇଁ ଚାଷୀଙ୍କ ଧାନ ବିକ୍ରୀ କରିବା ଦିଗରେ ଜୁଲାଇ ୧୫ରୁ ପଞ୍ଜିକରଣ ଫର୍ମ ଚାଷୀମାନେ ଲ୍ୟାମ୍ପସ କାର୍ଯ୍ୟାଳୟଠାରୁ ସଂଗ୍ରହ କରି ପାରିବେ ବୋଲି ପରିଚାଳନା ନିର୍ଦ୍ଦେଶକ ସୂଚନା ଦେଇଥିଲେ। ପଞ୍ଜିକରଣକୁ ସ୍ୱଚ୍ଛତା କରିବା ପାଇଁ ଉପସ୍ଥିତ ସମସ୍ତ ସଭ୍ୟ ମତାମତ ପ୍ରଦାନ କରିଥିଲେ। ପର୍ଯ୍ୟାୟ କ୍ରମେ ବିଭିନ୍ନ ଆଲୋଚନା କରାଯାଇଥିଲା। ପରେ ଲ୍ୟାମ୍ପସର ନବନିର୍ମିତ ଗୋଦାମ ଗୃହଠାରେ ସମସ୍ତ ସଭ୍ୟ ଏବଂ କର୍ମଚାରୀ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ପରିଷଦର ସଭ୍ୟ କୌତୁକ ଚୌଧୁରୀ, ବଚନ ପ୍ରଧାନ, ଉଦିତ କୁମାର ନାଏକ, ବିମଳ କୁମାର ପଟେଲ, ପ୍ରଦୀପ କୁମାର ପଟେଲ, ଗୋପାଲ ପ୍ରଧାନ, କୈଳାସ ଚନ୍ଦ୍ର କାଲୋ, ମୀନକେତନ ନାଏକ, ଦେଶରଞ୍ଜନ ପଟେଲ ଏବଂ ସମସ୍ତ କର୍ମଚାରୀ ଭାଗ ନେଇଥିଲେ।



ନବନିର୍ମିତ ଗୋଦାମ ଗୃହଠାରେ ସଭ୍ୟ ଏବଂ କର୍ମଚାରୀ ବୃକ୍ଷରୋପଣ କରୁଛନ୍ତି।

# ଜିଲାପାଳଙ୍କ ଅଫିସରେ କୁନି ଛାତ୍ରୀଛାତ୍ର

## ବିନା ଶିକ୍ଷକରେ ସ୍କୁଲ

■ ଧାରଣାସ୍ଥଳରେ ମଧ୍ୟାହ୍ନଭୋଜନ ଖାଇଲେ

ସମ୍ବଲପୁର,୧୩।୭(ବ୍ୟୁରୋ)

ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଶିକ୍ଷକ ନିଯୁକ୍ତି ଦାବି ନେଇ ନାକଟିଦେଉଳ ବ୍ଲକ କେଉଟିବେର୍ଣ୍ଣା ସ୍କୁଲର କୁନି କୁନି ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ଭୋକ ହେବାରୁ ଶେଷରେ ଧାରଣାସ୍ଥଳରେ ମଧ୍ୟାହ୍ନଭୋଜନ କରିଥିଲେ। ପ୍ରାୟ ୪ ଘଣ୍ଟା ପରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଦାବି ପୂରଣ ହୋଇଥିଲା। ଜଣେ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଥିଲା ଓ ସେ ଗୁରୁବାରଠାରୁ ପିଲାଙ୍କୁ ଶିକ୍ଷାଦାନ କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହି ଖବର ଜାଣିବା ପରେ ପିଲାଙ୍କ ମୁହଁରେ ହସ ଦେଖିବାକୁ ମିଳିଥିଲା।

ସୂଚନାକ୍ରମେ, ୧୯୫୯ ମସିହାରୁ ଏହି ସରକାରୀ ପ୍ରାଥମିକ ସ୍କୁଲ ଚାଲିଆସୁଛି। ଏବେ ବିଭିନ୍ନ ଶ୍ରେଣୀର ୪୮ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୫ ଶ୍ରେଣୀକୁ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରୁଥିଲେ। ହେଲେ ଜୁନ ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସ୍କୁଲରେ ଆଉ ଶିକ୍ଷକ ନାହାନ୍ତି। ପ୍ରାୟ ୧୪ଦିନ ହେବ ବିନା ଶିକ୍ଷକରେ ସ୍କୁଲ ଚାଲିଛି। ଅଭିଭାବକ ଓ ପରିଚାଳନା କମିଟି କର୍ମକର୍ତ୍ତା ଆସି ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଦେଇ ଛୁଟି କରି ଦେଉଥିଲେ। ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏ ନେଇ ଅଭିଯୋଗ କରାଯାଇଥିଲା। ଶିକ୍ଷକ ନିଯୁକ୍ତି କରାଯିବା ଆଶାରେ ଏତେ ଦିନ ବିତିଯାଇଛି। ଶିକ୍ଷକ ନ ଥିବାରୁ ପାଠପଢା ଠପ୍ ହୋଇଯାଇଛି। ଏହାର ସମାଧାନ ଦାବିରେ ସେମାନେ ଜିଲାପାଳଙ୍କ ଅଫିସ ଆସିଥିବା କହିଥଲେ। ଏଡିଏମ୍ ଉମାକାନ୍ତ ରାଜଙ୍କ ସହ ଆଲୋଚନା ପରେ ସେ ବିଇଓଙ୍କୁ ତୁରନ୍ତ ଜଣେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ରୀଛାତ୍ର।

## ଦେବାଶିଷ ନନ୍ଦ ହେଲେ ସିଆଇଏଲ୍ ନିର୍ଦ୍ଦେଶକ



ସମ୍ବଲପୁର,୧୩।୭(ବ୍ୟୁରୋ)

କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ୍)ର ନିର୍ଦ୍ଦେଶକ (ବିଜନେସ ଡେଭଲପମେଣ୍ଟ) ଭାବେ ଦେବାଶିଷ ନନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଇଣ୍ଡିଆନ ଅଏଲ କମ୍ପାନୀରେ ନିର୍ଦ୍ଦେଶକ (ଗ୍ୟାସ) ଭାବେ କାର୍ଯ୍ୟରତ ଥିଲେ। ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ଦେବାଶିଷଙ୍କୁ ଶୁଭେଚ୍ଛା ଜଣାଯାଇଛି। ସୂଚନାଯୋଗ୍ୟ ଦେବାଶିଷ ବୁର୍ଲାସ୍ଥିତ ୟୁନିଭର୍ସିଟି ଅଫ ଇଞ୍ଜିନିୟରିଂରୁ ବିଟେକ ଓ ରାଉରକେଲା ଆର୍‌ଇସିରୁ ଏମ୍‌ଟେକ ଡିଗ୍ରୀ ହାସଲ କରିଥିଲେ। ପରେ ସେ ଦିଲ୍ଲୀ ଆଇଆଇଏଫ୍‌ଟିରୁ ଆନ୍ତର୍ଜାତୀୟ ବ୍ୟାପାରରେ ମାଷ୍ଟର୍ସ ଡିଗ୍ରୀ ଲାଭ କରି ୧୯୮୮ରେ ଇଣ୍ଡିଆନ ଅଏଲର ମାର୍କେଟିଂ ଡିଭିଜନରେ ମ୍ୟାନେଜମେଣ୍ଟ ଟ୍ରେସି ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ।

## ସଂକ୍ଷେପରେ

### ରାଜପଥରେ ଭାରିଯାନ ପାର୍କିଂ ଉପରେ କଟକଣା

**ଝାରସୁଗୁଡ଼ା ଅଫିସ,୧୩।୭:** ଝାରସୁଗୁଡ଼ା ଜିଲା ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥ ବେଦାନ୍ତ ୨ନଂ ଗେଟ ପୂର୍ଣ୍ଣାଠାରୁ କନକତୋରା ଓ ୧୦ନଂ ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେ ବଡ଼ମାଲରୁ ତାଲପଟିଆ ରାସ୍ତା ପାର୍ଶ୍ୱରେ ଭାରିଯାନ ପାର୍କିଂ ଉପରେ କଟକଣା ଜାରି କରାଯାଇଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲାପାଳ ସରୋଜ କୁମାର ସାମଲ ଏହି ଦୁଇ ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ ପାର୍କିଂ ଉପରେ କଟକଣା ଜାରି କରିଛନ୍ତି। ଏହି କଟକଣା ଚଳିତ ଜୁଲାଇ ମାସରୁ ଅଗଷ୍ଟ ୬ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଗତ ୫ ତାରିଖରୁ ଅଦ୍ୟାବଧି ନିୟମ ଉଲ୍ଲଂଘନ କରିଥିବା ୮୫ଟି ଗାଡ଼ି ମାଲିକଙ୍କ ନାମରେ ୨୦ହଜାର ଟଙ୍କା ଲେଖାଏ ଚାଲାଣ କଟାଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଢି ଜଣାଇଛନ୍ତି।

### ଜମନକିରା ଥାନାରେ ରକ୍ତଦାନ ଶିବିର

**ଜମନକିରା, ୧୩।୭(ଡି.ଏନ.ଏ.):** ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜମନକିରା ଥାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବାବେଳେ ଆଇଆଇସି ପ୍ରେମଜିତ ଦାସ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସଦର ଡାକ୍ତରଖାନା ରକ୍ତଭଣ୍ଡାର ଡାକ୍ତର କନ୍ଷେସ କକ୍କଡ, ଟେକ୍‌ନିସିଆନ ସନ୍ତୋଷ ଗୌଡ଼, କର୍ମଦେବ ପଟେଲ, ମନବୋଧ ନାୟକ ଏହାକୁ ପରିଚାଳନା କରିଥିଲେ। ହାବିଲଦାର ଓ କନଷ୍ଟେବଲ ଶାଖା ସଂଘ ସଭାପତି ରାମଦାସ ପଣ୍ଡା ସଂଯୋଜନା କରିଥିବାବେଳେ ଜମନକିରା ଅଟୋ ସଂଘ, ସାମ୍ବାଦିକ ସଂଘ ସହଯୋଗ କରିଥିଲେ। ଏସ୍‌ଡିପିଓ ମିଶ୍ର ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ।

### ବିଦ୍ୟାଳୟରେ ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ,୧୩।୭(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ବଲମ ପଞ୍ଚାୟତ ବିଜାଗଡ଼ ସରକାରୀ ଉଚ୍ଚବିଦ୍ୟାଳରେ ବୁଧବାର ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗଦେଇଥିବା ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ସାହୁଙ୍କୁ ଛାତ୍ରୀଛାତ୍ର ସ୍ୱାଗତ ଜଣାଇଥିବା ବେଳେ ଏଠାରୁ ଅନ୍ୟ ସ୍କୁଲକୁ ବଦଳି ହୋଇଥିବା ପ୍ରଧାନଶିକ୍ଷକ ଛବିଲ କୁମାର ଧଳ ଓ ସିଆର୍‌ସିସି ବ୍ରଜଚନ୍ଦ୍ର ସାହୁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ ସୁଷମା ପ୍ରଧାନ, ପୁଷ୍ପାଞ୍ଜଳି ବିଶ୍ୱାଳ, ସସ୍ମିତା ପ୍ରଧାନ, ଜୀବନ୍ତି ଦେହୁରି ପ୍ରମୁଖ ସହଯୋଗ କରିଥିଲେ।

### ବିଜେଡି ପକ୍ଷରୁ ବୃକ୍ଷରୋପଣ

**କୁଚିଣ୍ଡା,୧୩।୭(ଡି.ଏନ.ଏ.):** ବିଜେଡିର ୨୫ବର୍ଷ ପୂର୍ତ୍ତି ଅବସରରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ବୁଧବାର କୁଚିଣ୍ଡା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁଚିଣ୍ଡା ଏନ୍‌ଏସିର ବିଭିନ୍ନ ୱାର୍ଡରେ ବୃକ୍ଷରୋପଣ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ଟାଉନ ସଭାପତି ଅଭିଳାଷ ଅଗ୍ରୱାଲଙ୍କ ନେତୃତ୍ୱରେ ଏନ୍‌ଏସିର ୧୧, ୧୦, ୮ ଓ ୭ ନମ୍ବର ୱାର୍ଡରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଏନ୍‌ଏସି ଉପାଧକ୍ଷା ଦେବଜାନୀ କାଲୋ, ବିଜେଡି ଟାଉନ ସଭାପତି ସଞ୍ଜୟ ବେହେରା, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ପାଢ଼ୀ, ଶିବ ସାହୁ, ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଅରୁଣୋଦୟ ମାନସିକ ସ୍କୁଲରେ ସ୍ୱାସ୍ଥ୍ୟ ଶିବିର

**କୁଚିଣ୍ଡା,୧୩।୭(ଡି.ଏନ.ଏ.):** କୁଚିଣ୍ଡାସ୍ଥିତ ଅରୁଣୋଦୟ ମାନସିକ ଭିନ୍ନକ୍ଷମ ସ୍କୁଲଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ଼ା. ଶରତ ଚନ୍ଦ୍ର ଗୌନ୍ତିଆ ମୁଖ୍ୟଅତିଥି, ପୂର୍ବତନ ଏନ୍‌ଏସି ଉପାଧକ୍ଷା ଆରତୀ ନାୟକ, ଅରୁଣୋଦୟ ସ୍କୁଲ ସମ୍ପାଦକ ଶାନ୍ତନୁ ସାହୁ, ଚାଇଲ୍ଡଲାଇନ ନିର୍ଦ୍ଦେଶକ ପ୍ରଦୀପ ମହାକୁଲ, କୃଷି କର୍ମଚାରୀ ରୋଜାଲିନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ଼ା. ଗୌନ୍ତିଆ ବିଦ୍ୟାଳୟର ୧୮ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ।

# ସ୍ୱଳ୍ପ ବୃଷ୍ଟିପାତ: ଆଗେଇପାରୁନି ଚାଷକାର୍ଯ୍ୟ

କୁଚିଣ୍ଡା,୧୩।୭(ଡି.ଏନ.ଏ.)

କୁଚିଣ୍ଡା ଉପଖଣ୍ଡରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଛି। ଆଷାଢ ମାସ ଅତିକ୍ରାନ୍ତ ହୋଇଥିଲେ ହେଁ ପ୍ରାୟ ୬୦ପ୍ରତିଶତ ଜମିରେ ଧାନବୁଣା ହୋଇପାରି ନାହିଁ। ବର୍ଷା ଅଭାବରୁ ଚାଷୀ ରୁଆ କାର୍ଯ୍ୟ ମଧ୍ୟ ଆରମ୍ଭ କରିନାହିଁ। ଅଧିକାଂଶ ଧାନତଳି ପାଣି ଅଭାବରୁ ପାଚି ଲାଲ ହୋଇଗଲାଣି। ଏଭଳି ସ୍ଥିତିରେ ଚାଷୀ କ'ଣ କରିବ ସେହି ଚିନ୍ତାରେ ପଡିଛି।

ସମଗ୍ର କୁଚିଣ୍ଡା ଉପଖଣ୍ଡ ଚାଷ ଉପରେ ନିର୍ଭରଶୀଳ। ଏଠାରେ ଧାନ, ଅଣଧାନ, ତୈଳବୀଜ ଆଦିକୁ ମିଶାଇ ମୋଟ ୭୭,୧୧୬ ହେକ୍ଟର ଜମିରେ ଚାଷ ହୁଏ। ତନ୍ମଧ୍ୟରୁ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ମୋଟ ୩୪,୫୭୫ ହେକ୍ଟର ଜମିରେ ଚଳିତ ଖରିଫ ଋତୁରେ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ମୌସୁମୀ ବର୍ଷାର ଅନିୟମିତତା ଯୋଗୁ ଚାଷ କାର୍ଯ୍ୟ ଧିମେଇ ଯାଇଛି। ଏଥର ମାତ୍ର ୮୧୯୮ ହେକ୍ଟର ଜମିରେ ଧାନ ଚାଷ ହୋଇପାରିଛି। ଯେଉଁଠି ମାଟି ବତର ଅଛି ସେଇଠି ଧାନ ବୁଣା ଚାଲୁ ରହିଛି। ହେଲେ ତଳି ରୁଆ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବର୍ଷା ଉପରେ ଯଦି ନଜର ପକାଇବା ତେବେ ଜୁନ ମାସରେ ବାମରା ବ୍ଲକରେ ୯୧.୮ମି.ମି., କୁଚିଣ୍ଡା ବ୍ଲକରେ ୧୩୨ମି.ମି. ଓ ଜମନକିରା ବ୍ଲକରେ ୧୩୪ମି.ମି. ବର୍ଷା ହୋଇଛି। ଏହା ସ୍ୱାଭାବିକ ବର୍ଷାଠାରୁ କୁଚିଣ୍ଡାରେ ୪୦.୨୮ ପ୍ରତିଶତ, ବାମରାରେ ୫୮.୪୭ ଓ ଜମନକିରାରେ ୩୯.୪ ପ୍ରତିଶତ କମ୍ ହୋଇଛି। ସେହିପରି ଜୁଲାଇ ମାସରେ ବର୍ତ୍ତମାନ ସୁଦ୍ଧା ବାମରା ବ୍ଲକରେ ୬୧.୯, କୁଚିଣ୍ଡାରେ ୧୩୪.୬ ଓ ଜମନକିରାରେ ୯୦.୬ ମି.ମି. ବର୍ଷା ହୋଇଥିବା କୃଷି ବିଭାଗ ରେକର୍ଡରୁ ଜଣାପଡିଛି। ଆଗାମୀ ୭ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ଚାଷୀ ମରୁଡିର ସମ୍ମୁଖୀନ ହେବା ଆଶଙ୍କା କରିଛି।

# ହିଣ୍ଡାଲ୍‌କୋ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଖେଳ ସାମଗ୍ରୀ ପ୍ରଦାନ



କମ୍ପାନୀ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଖେଳ ସାମଗ୍ରୀ ଦିଆଯାଉଛି।

ସମ୍ବଲପୁର,୧୩।୭ (ବ୍ୟୁରୋ)

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଖେଳ ସାମଗ୍ରୀ ପ୍ରଦାନ କରାଯାଇଛି। କମ୍ପାନୀର କୈଳାସ ପାଣ୍ଡେଙ୍କ ପରାମର୍ଶ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମ ହୋଇଥିଲା। କମ୍ପାନୀ ସ୍ମେଲଟର ପ୍ଲାଣ୍ଟ ଇଞ୍ଜିନିୟରିଂ ମୁଖ୍ୟ ଅରୁଣ ସିଂ, ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ସୁକାନ୍ତ ମହାପାତ୍ର, ସରୋଜ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଖେଳ ସମାଗ୍ରୀ ବଣ୍ଟନ କରାଯାଇଥିଲା। ହୀରାକୁଦ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ମଧୁସୂଦନ ଦାଶ ଓ କର୍ମକର୍ତ୍ତାମାନେ ଅତିଥିଙ୍କଠାରୁ ସାମଗ୍ରୀ ଗ୍ରହଣ କରିଥିଲେ। ବ୍ରହ୍ମାନନ୍ଦ ମହାପାତ୍ର ଓ ସୁଶ୍ରୀ ଜୟଶ୍ରୀ ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକଙ୍କ ଚିତ୍ତବିନୋଦନ ପାଇଁ ଏହି ସାଗ୍ରୀ ପ୍ରଦାନ କରାଯାଇଛି। ଏହି ଧାରା ଆଗକୁ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

### ଜଙ୍ଗଲ ଅଧିକାର କମିଟି ଗଠନ

**ଜମନକିରା,୧୩।୭(ଡି.ଏନ.ଏ.):** ଜମନକିରା ବ୍ଲକ କେନାଢିପା ପଞ୍ଚାୟତର ସର୍ବେ ଗ୍ରାମରେ ବୁଧବାର ଜଙ୍ଗଲ ଅଧିକାର କମିଟି ଗଠିତ ହୋଇଯାଇଛି। ଧବଳେଶରୀ କୁମୁରାଙ୍କ ସଭାପତିତ୍ୱରେ କମିଟିର ପୁନର୍ଗଠନ ନିମନ୍ତେ ଆଲୋଚନା ହୋଇଥିଲା। କମିଟି ସଭାପତି ଭାବେ ଜିତେନ୍ଦ୍ର କୁମୁରା, ସମ୍ପାଦକ ଭାବେ ଅସ୍ମି ମାଝି ଚୟନ ହୋଇଥିଲେ। କବି କୁମୁରା, ପ୍ରତିମା କୁମୁରା, ନନ୍ଦରାମ କାଲୋ, ହେମକାନ୍ତୀ ପଙ୍ଗା, ବୀଣାପାଣି କୁମୁରା, ବିନୋଦିନୀ କୁମୁରା, ଗୌତମ ଭୋଇ, ବିରଞ୍ଚି ବାଘ, ମନୋଜ ପୋଢ଼, ରାମପ୍ରସାଦ ସେଠ, ଲୁଲାନ୍ତ ସାହୁ କମିଟି ସଦସ୍ୟ ମନୋନୀତ ହୋଇଛନ୍ତି। ସଭାରେ ନାଏବ ସରପଞ୍ଚ ଜ୍ଞାନେନ୍ଦ୍ର ମରେଇଙ୍କ ସମେତ ଗ୍ରାମ୍ୟ କମିଟି ସମ୍ପାଦକ ଶମ୍ଭୁନାଥ ସାହୁ ଓ ସର୍ବେ ମୌଜାର ମହିଳାପୁରୁଷ ଯୋଗଦେଇଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା: ସିଡ଼ିଏମ୍‌ଓଙ୍କୁ ଭେଟିଲା ଭାଜପା


ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଭାଜପା କର୍ମକର୍ତ୍ତାଙ୍କ ଆଲୋଚନା।

ସମ୍ବଲପୁର,୧୩।୭(ବ୍ୟୁରୋ)

ସମ୍ବଲପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରି ବୁଧବାର ସିଡିଏମ୍‌ଓଙ୍କୁ ଘେରିଛି ଜିଲା ଭାଜପା ମହିଳା ମୋର୍ଚ୍ଚା। ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦିକା ପ୍ରଭାସିନୀ ଦାଶଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ସିଡିଏମ୍‌ଓଙ୍କ କୋଠରୀ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାସଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ବହୁ ସମସ୍ୟା ଉପରେ ଅଗଗତ କରିଥିଲେ। ବିଶେଷ କରି ପ୍ରସୂତି ବିଭାଗରେ ଟଙ୍କା ଦାବି କରିବା, ଗର୍ଭବତୀ ମହିଳାଙ୍କୁ ଅଲ୍ଟ୍ରାସାଉଣ୍ଡ ପାଇଁ ୫୦୦ ଟଙ୍କା ଲେଖାଏ ମାଗିବା, ପ୍ରସୂତି ପାଇଁ ଆସୁଥିବା ଗର୍ଭବତୀ ମହିଳାମାନଙ୍କୁ ଡେଲିଭରି ସମୟରେ ଓ ଡିସଚାର୍ଜ ସମୟରେ ଟଙ୍କା ମାଗିବା ଭଳି ଅନେକ ଅଭିଯୋଗ କରି ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେହିପରି ସରକାରଙ୍କ ଅଧିକାଂଶ ସମୟରେ ରୋଗୀଙ୍କୁ ମାଗଣା ଔଷଧ ମିଳୁନାହିଁ। ରୋଗୀ ବାହାରୁ ଔଷଧ କିଣିବାକୁ ବାଧ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ସହ ଖାଲି ପଡିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ, ଖରାପ ହୋଇ ପଡିରହିଥିବା ଆମ୍ବୁଲାନ୍ସ ମରାମତି ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁନୁ ପ୍ରଧାନ, ଆରତି ବରାଡ଼, ସଲିଳା ପଣ୍ଡା, ଭବାନୀ ଦୁସର, ରିଙ୍କି ସାହୁ, ଅନସୂୟା ସାମଲ, ମିନତି ବହିଦାର, ସୁମି ପରିଡା, ଟିଙ୍କି ପ୍ରଧାନ, ନିମି ମୁଣ୍ଡା, ଭାଜପା ଜିଲା ସଭାପତି ଗିରିଶ ପଟେଲ, ମାନସ ରଞ୍ଜନ ବକ୍ସି, ଅଶ୍ୱିନୀ ମାଝି, ପ୍ରଦୀପ ବେହେରା ପ୍ରମୁଖ ସାମିଲ ଥିଲେ।

# ମହଙ୍ଗା ପଡ଼ିଲା ରଶିକିଆ ସ୍ୱାମୀଙ୍କ ଦ୍ୱିତୀୟ ବିବାହ

■ ବାହାବେଦିରୁ ବରକନ୍ୟାଙ୍କୁ ଉଠାଇନେଲା ପୋଲିସ

■ ଅଭିଯୁକ୍ତ ସ୍ୱାମୀ ଜେଲ୍ ଗଲେ

ଝାରସୁଗୁଡ଼ା ଅଫିସ,୧୩।୭

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପାଇଁ ଦ୍ୱିତୀୟ ବିବାହ ମହଙ୍ଗା ପଡିଛି। ପୋଲିସ ବାହାବେଦିରୁ ବରକନ୍ୟାଙ୍କୁ ଉଠାଇ ଆଣି ଥାନାରେ ଜେରା କରିବାପରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରଜରାଜନଗର ଜିଏସ୍ ଲାଇନ୍‌ର ଦୀପକ ତାଣ୍ଡି। ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ୨୨୦/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନାମତେ ୧୦ବର୍ଷ ତଳେ ଦୀପକ ଅନୁପମା ନାମ୍ନୀ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ୭ବର୍ଷର ଏକ କନ୍ୟା ସନ୍ତାନ ରହିଛି। ଏପରିସ୍ଥଳେ ଦୀପକ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମଜାଲରେ ଫଶାଇ ଦ୍ୱିତୀୟ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମ ସ୍ତ୍ରୀ ଅନୁପମା ଏହାକୁ ବିରୋଧ କରିଥିଲେ। ଏହା ସତ୍ତ୍ୱେ ଦୀପକ ମଙ୍ଗଳବାର ସ୍ଥାନୀୟ ଚଣ୍ଡୀ ମନ୍ଦିରରେ ଉକ୍ତ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରୁଥିଲେ। ଅନୁପମା ଅଞ୍ଚଳର କେତେଜଣ କାଉନସିଲର, ସାମାଜିକ କର୍ମୀ ମହିଳାଙ୍କୁ ସାଙ୍ଗରେ ନେଇ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ସଦଳବଳ ମନ୍ଦିରରେ ପହଞ୍ଚି ବାହାବେଦିରୁ ବରକନ୍ୟାଙ୍କୁ ଉଠାଇ ଆଣିଥିଲେ। ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁପମା ପୋଲିସ ନିକଟରେ ଦାବି କରିଥିଲେ। ହେଲେ ପୋଲିସ କନ୍ୟାଙ୍କୁ ଛାଡିଦେଇଥିବାବେଳେ ଦୀପକଙ୍କୁ ଗିରଫ କରିଥିଲା।


ଗିରଫ ଦୀପକ ତାଣ୍ଡି।

# ଆଦର୍ଶ ବିଦ୍ୟାଳୟରେ ବସ୍ ସେବା ପାଇଁ ଚୁକ୍ତିନାମା

ଝାରସୁଗୁଡ଼ା ଅଫିସ,୧୩।୭

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଗମନାଗମନ ସକାଶେ ବସ୍ ମାଲିକଙ୍କ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଜିଲ୍ଲାରେ ଥିବା ୫ଗୋଟି ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଲଖନପୁର ଓ ଝାରସୁଗୁଡ଼ା ଆଦର୍ଶ ବିଦ୍ୟାଳୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଉପସ୍ଥିତିରେ ଡିଇଓ ପୁଷ୍ପଲତା ମିଞ୍ଜ ଓ ଶେଖର ଟ୍ରାଭେଲସ ମାଲିକ ସୁଧାଂଶୁ ଶେଖର ମହାପାତ୍ର ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଏହି ଦୁଇଟି ଆଦର୍ଶ ବିଦ୍ୟାଳୟରେ ୪୫୭ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଏମାନଙ୍କ ପାଇଁ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନରୁ ୮ ଗୋଟି ସ୍କୁଲବସ୍ ନିୟୋଜିତ କରାଯିବ। ଚୁକ୍ତିନାମା ଅନୁଯାୟୀ ଆଗାମୀ ୩୦ଦିନ ମଧ୍ୟରେ ଏହି ବସ୍ ସେବା ଆରମ୍ଭ କରାଯିବ। ଚୁକ୍ତିନାମା ସ୍ୱାକ୍ଷର ସମୟରେ ଡିଏମ୍‌ଏଫ୍ ଟିମ୍ ଲିଡର ନଳିନୀ ଦାଶ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷର କରାଯାଉଛି।

# କୃଷି ଅଧିକାରୀଙ୍କୁ ଭେଟିଲା ଜିଲା କୃଷକ ସଂଘ

## ସାର ସଙ୍କଟ, ନିଅଣ୍ଟିଆ ବର୍ଷା ଯୋଗୁ ଚାଷ ବିଳମ୍ବ

ସମ୍ବଲପୁର,୧୩।୭(ବ୍ୟୁରୋ)

ସମ୍ବଲପୁର ଜିଲା କୃଷକ ସଂଗଠନ କର୍ମକର୍ତ୍ତା ବୁଧବାର ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବର୍ଷା ଅଭାବ ଯୋଗୁ ଚାଷ କାର୍ଯ୍ୟ ହୋଇ ପାରି ନାହିଁ। ବିଶେଷ କରି ଅଣଜଳସେଚିତ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଦେଇଛି। ବୁଣାଧାନ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଏ ନେଇ ଜିଲା ପ୍ରଶାସନ ଓ କୃଷି ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ବୋଲି ଚାଷୀମାନେ ପ୍ରଶ୍ନ କରିଥିଲେ। କୃଷି ଅଧିକାରୀ ନିଅଣ୍ଟିଆ ବର୍ଷାକୁ ସ୍ୱୀକାର କରିବା ସହ ଜିଲାରେ ଧାର୍ଯ୍ୟଠାରୁ ମାତ୍ର ୧୮ ପ୍ରତିଶତ ଜମିରେ ଚାଷ ହୋଇଛି। ଏ ନେଇ ସରକାରଙ୍କୁ ଜଣାଇ ଦିଆଯାଇଛି ବୋଲି କହିଥିଲେ। ସେହିଭଳି ଜିଲାରେ ସାର ସଙ୍କଟ ଦେଖାଦେଇଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଏବେ ଧାନ ରୁଆ ସମୟ। ଜମି କାଦୁଅ ସମୟରେ ଡିଏପି ଓ ଗ୍ରୋମର ସାର ନିହାତି ଆବଶ୍ୟକ। ହେଲେ ବଜାରରେ ମିଳୁନାହିଁ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ଚଢା ଦାମ୍ ନେଉଛନ୍ତି। ୫୦ କେଜିରେ ୪ ଶହ ଟଙ୍କା ଅଧିକ ନେଉଛନ୍ତି। ପାକ୍ସ ଓ ଲାମ୍ପ୍ସରେ ସାର ଯୋଗାଇ ଦିଆଯାଉ ନାହିଁ। ଜିଲା ପ୍ରଶାସନ ଓ କୃଷି ବିଭାଗ ମିଳିତ ଭାବେ ଚଢାଉ କରି ଯାଞ୍ଚ କରିବାକୁ ଦାବି କରିଥିଲେ। ଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପଶ୍ଚିମ ଓଡ଼ିଶା ଆବାହକ ଆଶୋକ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଉମେଶ ମିଶ୍ର, ଦିଲୀପ ସାହୁ, ପ୍ରଦୀପ ପାତ୍ର, ଏନ୍ ଗୋବିନ୍ଦୁ, ଭୈରବ ପ୍ରଧାନ, ବିପିନ ଭୋଇ, ଶାନ୍ତନୁ ପ୍ରଧାନ, ରମାଶଙ୍କର ପାଢୀ, ଜଗଦାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


କୃଷି ଅଧିକାରୀଙ୍କ ସହ କୃଷକ ସଂଗଠନ କର୍ମକର୍ତ୍ତାଙ୍କ ଆଲୋଚନା।

# ତଦନ୍ତ କଲେ ଅମ୍ବୁଡ୍ସମ୍ୟାନ

ବଲାଙ୍ଗୀର ଅଫିସ,୧୩।୭

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ମୁଗୁରୁମୁଣ୍ଡା ପୋଖରୀ ଖନନରେ ମୃତକଙ୍କ ଜବକାର୍ଡ଼ରେ ଟଙ୍କା ଉଠାଣ ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ପରେ ବିଡିଓ ଚନ୍ଦ୍ରମଣି ନାଗ ଘଟଣାର ତଦନ୍ତ କରିବାକୁ ଏପିଓ ବନଜାବାସିନୀ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖବର ପ୍ରକାଶନର ୧୫ଦିନରୁ ଅଧିକ ସମୟ ବିତିଯାଇ ଥିବାବେଳେ ବୁଧବାର ବଲାଙ୍ଗୀର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅମ୍ବୁଡସମ୍ୟାନ ଏବଂ ପାନୀୟ ଜଳ ଓ ପରିମଳ ବିଭାଗରୁ ଦୁଇଜଣ ଅଧିକାରୀ ଘଟଣାର ତଦନ୍ତ କରିଛନ୍ତି।

କରମତଲା ପଞ୍ଚାୟତ ଲିମପଡ଼ା ନିକଟରେ ଥିବା ମୁଗୁରୁମୁଣ୍ଡା ପୋଖରୀ ଉନ୍ନତିକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୧–୨୨ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏଠାରେ ଜନୈକ ଠିକାଦାର ଗତ ଏପ୍ରିଲ ମାସରେ ମାଟିଉଠା କାମ କରିଥିଲେ। ଉକ୍ତ କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଯାଇନାହିଁ। ଉକ୍ତ କାର୍ଯ୍ୟକୁ ୫୨୩ ଦିନର ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା। କାର୍ଯ୍ୟରେ ମେଶିନ ବ୍ୟବହୃତ ହୋଇଥିଲା। ମଷ୍ଟରରୁଲରେ ଶ୍ରମିକମାନଙ୍କ ନାମ ଦିଆଯାଇ ତାଙ୍କ ନାମରେ ଟଙ୍କା ଉଠାଣ ହୋଇଥିବା



ମୁଗୁରୁମୁଣ୍ଡା ପୋଖରୀକୁ ତଦନ୍ତ ଅଧିକାରୀମାନେ ପରିଦର୍ଶନ କରୁଛନ୍ତି।

**ମୁଗୁରୁମୁଣ୍ଡା ପୋଖରୀ ଖନନରେ ଦୁର୍ନୀତି**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିଲା କାମ
- ମୃତକଙ୍କ ଜବ୍‌କାର୍ଡରେ ଟଙ୍କା ଉଠାଣ ଅଭିଯୋଗ

ଅଭିଯୋଗ ହୋଇଥିଲା। ଲିମପଡ଼ା ଗ୍ରାମର ଫଟୁ ରଣାଙ୍କ ଗତ ଦେଢ଼ ବର୍ଷ ତଳେ ମୃତ୍ୟୁ ଘଟିଥିଲେ ମଧ ତାଙ୍କ ନାମରେ ଦୁଇ ସପ୍ତାହ କାମ କରିଥିବା ଦର୍ଶାଇ ୨୬୬୪ ଟଙ୍କା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆରେ ଜମା ହୋଇଛି। ବହୁ ଜବକାର୍ଡ଼ଧାରୀ ଶ୍ରମିକ ଉକ୍ତ କାମ କରି ନ ଥିବାବେଳେ ତାଙ୍କୁ କାମରେ ନିୟୋଜିତ କରି ଅନୁଦାନ ରାଶି ହଡ଼ପ କରାଯାଇଥିବା ଅଭିଯୋଗ ମଧ ହୋଇଥିଲା। ଗତ ଜୁନ୍ ୨୫ରେ ଧରିତ୍ରୀରେ ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନର ୧୫ରୁ ଅଧିକ ସମୟ ବିତିଯାଇଥିଲେ ମଧ ବିଡ଼ିଓ ନାଗ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ପାଇଁ ଜିଲ୍ଲା ସ୍ତରରୁ ଦୁଇଜଣ ଅଧିକାରୀଙ୍କୁ ଆଣି ତଦନ୍ତ କରାଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅମ୍ବୁଡସମ୍ୟାନ ସଚ୍ଚିଦାନନ୍ଦ ହନୁମାନ ଓ ଜଳ ଓ ପରିମଳ ବିଭାଗ ସତ୍ୟନାରାୟଣ ମହାନ୍ତିଙ୍କ ସହ ଏପିଓ ବନଜାବାସିନୀ ଦାସ କରମତଲା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରେ ସରପଞ୍ଚ ତିଳୋତ୍ତମା ବାଗ, ଗ୍ରାମ ରୋଜଗାର ସେବକ ପ୍ରଦୀପ ମହାକୁରଙ୍କୁ ପଚରାଉଚୁରା କରିଥିଲେ। ପରେ ଘଟଣାସ୍ଥଳରେ ପହଞ୍ଚି ସେଠାରେ ତଦନ୍ତ କରିଥିଲେ। ଘଟଣା ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଗ୍ରାମବାସୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ସରିଲା ୪ ପାକ୍ସ ସଭାପତି ନିର୍ବାଚନ

ଲୋଇସିଂହା,୧୩।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୪ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ପଦବୀ ପାଇଁ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୁର୍ଡା ପାକ୍ସରୁ ବାଳଗୋପାଳ ସାହୁ, ସରଗାଡରୁ ପ୍ରଦୀପ ଗୁରୁ, ବାଦିମୁଣ୍ଡାରୁ ଲେକ୍ରୁ ପଟେଲ ଓ କୁଶମେଲ ପାକ୍ସରୁ ପ୍ରଶାନ୍ତ ରଥ ବିଜୟୀ ହୋଇଛନ୍ତି। ପ୍ରତ୍ୟେକ ପାକ୍ସରେ ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ଟା ଯାଏ ମତଦାନ ହୋଇଥିଲା। ବୁର୍ଡା ପାକ୍ସ ସଭାପତି ପଦବୀ ପାଇଁ ବାଳଗୋପାଳ ସାହୁ ଓ ପ୍ରହଲ୍ଲାଦ ସାହୁଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବାଳଗୋପାଳଙ୍କ ସପକ୍ଷରେ ୮ ଖଣ୍ଡ ଭୋଟ ପଡିଥିବାବେଳେ ପ୍ରହଲ୍ଲାଦଙ୍କୁ ମିଳିଥିଲା ୬ ଖଣ୍ଡ ଭୋଟ। ସେହିପରି ସରଗାଡ ପାକ୍ସରେ ଅନୁଷ୍ଠିତ ମତଦାନରେ ପ୍ରଦୀପ ଗୁରୁ ୧୧ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କିଶୋର ପଟେଲ ୪ ଖଣ୍ଡ ଭୋଟ ପାଇଥିଲେ। ୭ ଖଣ୍ଡ ଅଧିକ ଭୋଟ ପାଇଥିବା ପ୍ରଦୀପଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସେହିପରି ବାଦିମୁଣ୍ଡା ପାକ୍ସରେ ଅରକ୍ଷିତ ପଧାନଙ୍କୁ ୬ ଓ ଲେକ୍ରୁ ପଟେଲଙ୍କୁ ୯ ଖଣ୍ଡ ଭୋଟ ମିଳିଥିଲା। ଫଳରେ ଲେକ୍ରୁଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ସେହିପରି କୁଶମେଲରେ ପ୍ରଶାନ୍ତ ରଥ ୧୨ ଖଣ୍ଡ ଭୋଟ ପାଇଥିବାବେଳେ ଡୋଲାମଣୀ ସାହୁଙ୍କୁ ମାତ୍ର ୩ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହୋଇଥିଲେ। ନିର୍ବାଚନରେ ପକ୍ଷପାତିତା ଅଭିଯୋଗ କରିଛନ୍ତି ଡୋଲାମଣି ସାହୁ। ସେହିପରି ବୁର୍ଡା ପାକ୍ସରେ ଭୋଟ କେନ୍ଦ୍ର ପରିସରରେ ମତଦାନ ବେଳେ ହୋହାଲ୍ଲା ହୋଇଥିଲା। ଆଇଆଇସି ସଂଗ୍ରାମ ପଟ୍ଟନାୟକ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ।

### ବରିଷ୍ଠ କଂଗ୍ରେସ କର୍ମୀ କୁନୁ ବଗର୍ତ୍ତୀଙ୍କ ପରଲୋକ

ଦେଓଗାଁ,୧୩।୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ବଡବନ୍ଧ ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ କୁନୁ



ବଗର୍ତ୍ତି(୬୨)ଙ୍କ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବଡପୁଅ ସମ୍ପଦ ମୁଖାଗ୍ନି ଦେଇଥିଲେ। ଦୁଇପୁଅ ସମ୍ପଦ ଓ ପ୍ରଦୀପ ଏବଂ ପରିବାର ସଦସ୍ୟ ଉପସ୍ଥିତ ଥିଲେ। କୁନୁଙ୍କ ବିୟୋଗରେ ବିଜେଡି ବ୍ଲକ ସଭାପତି ସୁଶୀଲ କୁମାର ଚାନ୍ଦ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ର, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସରପଞ୍ଚ ଜଗବନ୍ଧୁ ମେହେର, ଯୁବନେତା ବୁଦ୍ଧଦେବ ପରୁଆ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ପୁରୁଣା ପରିଚାଳନା କମିଟି କାର୍ଯ୍ୟକ୍ଷମ ଦାବି

ଲାଠୋର,୧୩।୭(ଡି.ଏନ.ଏ.)

**ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦୨୧ ମସିହାରେ ଗଠନ ହୋଇଥିବା ବିଦ୍ୟାଳୟ ପରିଚାଳନା କମିଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସମିତିର ସଭ୍ୟମାନେ ଦାବି କରିଛନ୍ତି। ୨୦୨୧ଅକ୍ଟୋବର ୨୮ତାରିଖରେ ବିଦ୍ୟାଳୟ ଅଧକ୍ଷ ଭୂଗୋଳ ବନଗୁଲାଙ୍କ ଅଧକ୍ଷତାରେ ଅଭିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସିଆରସିସିସି ଶଙ୍ଖଧର ମାଝିଙ୍କ ଉପସ୍ଥିତି ଓ ଅଭିଭାବକଙ୍କ ସହମତିକ୍ରମେ ୧୨ଜଣିଆ ସମିତି ଗଠନ କରାଯାଇଥିଲା। ପାସ୍ ହୋଇଥିବା ରିଜୋଲ୍ୟୁଶନକୁ ଅନୁମୋଦନ ପାଇଁ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ହେଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରିଜୋଲ୍ୟୁଶନକୁ ଅନୁମୋଦନ ନ କରି ଦୀର୍ଘ ୯ ମାସ ପର୍ଯ୍ୟନ୍ତ ପକାଇ ରଖିଥିଲେ। କମିଟି ସଦସ୍ୟମାନେ ବାରମ୍ବାର ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଅନୁମୋଦନ ପାଇଁ ଅନୁରୋଧ କରିଥିଲେ ସୁଦ୍ଧା ଏଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ପୁରୁଣା ସମିତିକୁ ବାଦ ଦେଇ ଆଉ ଏକ ନୂତନ କମିଟି ଗଠନ ପାଇଁ ପୁଣି ବିଦ୍ୟାଳୟ ଅଧକ୍ଷ ବନଗୁଲାଙ୍କ ଅଧକ୍ଷତାରେ ଗତ ୧୦ ଜୁଲାଇ ୨୦୨୨ରେ ଅଭିଭାବକ ସମ୍ମିଳନୀ ଡକାଯାଇଥିଲା। ହେଲେ ସମ୍ମିଳନୀରେ ପୁରୁଣା କମିଟିକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେବାରୁ ଲୋକ ଉଠି ପଳାଇଥିଲେ। ପରେ କିଛି ଲୋକଙ୍କୁ ନେଇ ନୂତନ କମିଟି ଗଠନ ପାଇଁ ସଭ୍ୟ ଚୟନ କରାଯାଇଛି। ଆଗାମୀ ଦିନରେ ତାଙ୍କ ମନ ମୁତାବକ ସଭାପତି ଚୟନ କରାଯିବ ବୋଲି ପୁରୁଣା ସମିତିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରୁ ଗାଇଡ୍ ଲାଇନ ଉଲ୍ଲଂଘନ କରି କମିଟି ଗଠନ କରାଯାଇଥିଲା। ଏଥିଯୋଗୁ ପୁରୁଣା କମିଟିକୁ ବାଦ୍ ଦେଇ ନୂତନ ସମିତି ଗଠନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ବୋଲି କହିଥିଲେ।



ବୁଢ଼ିଆଇଙ୍କ କାଦୋଯାତ୍ରାରେ ଶ୍ରଦ୍ଧାଳୁମାନେ।

## ଜରାସିଂହା ବୁଢ଼ିଆଇଙ୍କ କାଦୋଯାତ୍ରା ସମ୍ପନ୍ନ

ଦେଓଗାଁ,୧୩।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ବୁଢିଆଇ ମନ୍ଦିର ପ୍ରାଙ୍ଗଣରେ ବୁଢିଆଇଙ୍କ ପ୍ରସିଦ୍ଧ କାଦୋଯାତ୍ରା ସମ୍ପନ୍ନ ହୋଇଛି। ବୁଧବାର ସକାଳ ୯ଟାରେ ବତିଶ ଦେହୁଲିଙ୍କ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଥିଲା। ପୂଜାର୍ଚ୍ଚନା ପରେ ମୁଖ୍ୟ ଦେହୂରୀ ସନ୍ତୋଷ ଥନାପତିଙ୍କ ଶରୀରରେ ବୁଢ଼ିଆଇ ଦେବତା ଆବିର୍ଭାବ ହୋଇଥିଲେ। ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ଦେବୀଙ୍କ ଆଶୀର୍ବାଦ ଲାଭ କରିଥିଲେ। ଅନେକ ମାନସିକଧାରୀ ଦେବତାଙ୍କଠାରୁ ଫୁଙ୍କାଝରା ହୋଇ ଫଳପ୍ରାପ୍ତି ପାଇଁ ମାନସିକ ରଖିଥିଲେ। ଦେବତା ପାରମ୍ପରିକ ବାଦ୍ୟସହ ନୃତ୍ୟକରି ମନ୍ଦିର ପରିସରସ୍ଥ ବେଢ଼ା ପରିକ୍ରମା କରିବା ପରେ ବୁଢ଼ିଆଇ ବନ୍ଧଠାରେ ବାଟିଖେଳ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ବଟବୃକ୍ଷତଳେ ପରମ୍ପରା ଅନୁସାରେ ଓଲଟ ନିଷାନକୁ ଦେହୂଲୀମାନେ ପୂଜାର୍ଚ୍ଚନା କରିଥିଲେ। ପରେ ଦେବତାଙ୍କ ନିକଟରେ ଛେଳି, ମେଣ୍ଢା ଆଦି ପଶୁବଳି ଦିଆଯାଇଥିଲା। ଯାତ୍ରାକୁ ପରିଚାଳନା କମିଟି ସମ୍ପାଦକ ରାଜ କିଶୋର ସେଠ, କୋଷାଧକ୍ଷ ଅଂଶୁମାନ କର୍ତ୍ତି, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ ଓ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନର ସମସ୍ତ କର୍ତ୍ତା ସହଯୋଗ କରିଥିଲେ। କରୋନା କଟକଣା ଯୋଗୁଁ ଗତ ଦୁଇବର୍ଷ ହେଲା ଏହି ଯାତ୍ରା ବିନା ଭକ୍ତ ଗହଣରେ କେବଳ ରୀତିନୀତି ପୂର୍ବକ ଅନୁଷ୍ଠିତ ହେଉଥିଲା। ତେବେ ଚଳିତ ବର୍ଷ କଟକଣା କୋହଳ ରହିଥିବାରୁ ଏହି ଯାତ୍ରାରେ ଭକ୍ତଙ୍କ ସମାଗମରେ ହୋଇଥିଲା।

## ପିସିସି ସଭାପତିଙ୍କ ସମ୍ବର୍ଦ୍ଧନା ସଭାରେ ଯୋଗଦେଲେନି ଦେଓଗାଁ କଂଗ୍ରେସ ନେତୃବୃନ୍ଦ

ଦେଓଗାଁ, ୧୩।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲାରେ ମଙ୍ଗଳବାର ପିସିସି ସଭାପତି ଶରତ କୁମାର ପଟ୍ଟନାୟକଙ୍କୁ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ବିଧାୟକ ଓ ଜିଲାର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବ୍ଲକର କର୍ମୀ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକ କଂଗ୍ରେସର କୌଣସି ନେତୃବୃନ୍ଦ ଉପସ୍ଥିତ ନ ଥିଲେ। ଏ ନେଇ ଦେଓଗାଁ ବ୍ଲକ କଂଗ୍ରେସ କମିଟି ସଭାପତି ରାମଜୀ ଚୌଧୁରୀଙ୍କୁ ପଚାରିବାରୁ ଆମକୁ ଜିଲାସ୍ତରୀୟ ନେତୃବୃନ୍ଦ ସଭାକୁ ଡାକି ନଥିବାରୁ ଆମେ ଯାଇ ନ ଥିଲୁ ବୋଲି କହିଛନ୍ତି। ଜିଲା କଂଗ୍ରେସ କମିଟି ସମ୍ପାଦକ ତଥା ଦେଓଗାଁର ଯୁବନେତା ବିଶ୍ୱଜିତ ପାତ୍ରଙ୍କ କହିବାନୁସାରେ ଆଗାମୀ ଦିନରେ ଦେଓଗାଁ ବ୍ଲକରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧମରେ ପିସିସି ସଭାପତିଙ୍କୁ ସ୍ୱାଗତ କରାଯିବ ବୋଲି କହିଛନ୍ତି। ପିସିସି ସଭାପତି ଶରତ କୁମାର ପଟ୍ଟନାୟକଙ୍କୁ ଏ ନେଇ ପଚାରିବାରୁ ଜିଲାର ସମସ୍ତ ବ୍ଲକ ସଭାପତିଙ୍କୁ ଏକତ୍ରିତ କରିବା ପାଇଁ କହିଥିଲି। ଯଦି କୌଣସି କାରଣରୁ ଯୋଗାଯୋଗ ହୋଇ ପାରିନାହିଁ, ତାହେଲେ ଆଗମୀ ଦିନରେ ସମସ୍ତଙ୍କୁ ଏକତ୍ରିତ କରାଯିବ ବୋଲି କହିଛନ୍ତି।

## ରାଜ୍ୟ ସଭା ସାଂସଦ ବୁଲିଲେ ବିଦ୍ୟାଳୟ, ମନ୍ଦିର



ହରିଶଙ୍କର ମନ୍ଦିର ପରିସରରେ ନିରଞ୍ଜନ ବିଶି।

ଖପ୍ରାଖୋଲ,୧୩।୭(ଡି.ଏନ.ଏ.)

ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ବୁଧବାର ଖପ୍ରାଖୋଲ ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ, ବ୍ଲିଡ୍ ବିଭାଗ କାର୍ଯ୍ୟଳୟ ଓ ହରିଶଙ୍କର ମନ୍ଦିର ବୁଲି ଦେଖିଥିଲେ। ପ୍ରଥମେ କପସିପାଲି ସେବାଶ୍ରମ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେହିପରି ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଲୋଚନାରେ ତୁରେକେଳା ଫିଡରରୁ ବିଜୁଳି ସଂଯୋଗ ଦେବାକୁ ଟାଟା ସିଇଓଙ୍କ ସହ ଆଲୋଚନା କରିଥିଲେ। ଧଣ୍ଡାମୁଣ୍ଡାରେ ଏକ ଗ୍ରୀଡ ସ୍ଥାପନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଖପ୍ରାଖୋଲ ପ୍ରେସ କ୍ଲବ ତରଫରୁ ବିଶିଙ୍କୁ ସ୍ୱାଗତ କରାଯାଇଥିଲା। ପରେ ମହରାପଦର ହାଇସ୍କୁଲ, ଦୁର୍ଲା ସେବାଶ୍ରମ ବିଦ୍ୟାଳୟ, ବେନକେରା ସେବାଶ୍ରମ ପରିଦର୍ଶନ କରିଥିଲେ। ପରେ ହରିଶଙ୍କର ମନ୍ଦିର ଗସ୍ତ କରି ଠାକୁର ଦର୍ଶନ କରିଥିଲେ। ମନ୍ଦିରର ମ୍ୟାନେଜର ଗୁପ୍ତେଶ୍ୱର କୁଆଁର ଏବଂ ସେବାୟତଙ୍କ ସହ ସେ ଆଲୋଚନା କରିଥିଲେ। ଗସ୍ତ ଅବସରରେ ଗିରିରାଜ ଭୋଇ, ଟିକେଶ୍ୱର୍ ଧାରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି ଜିଲାରେ ୧୪୧ ପିଇଓଙ୍କ ବଦଳି

- ନିକଟ ବ୍ଲକ ଦେବାକୁ ଜିଲାପାଳଙ୍କଠାରେ ଫେରାଦ
- ପଞ୍ଚାୟତିରାଜ ବିଭାଗର ଗାଇଡ୍ ଲାଇନକୁ ଉପେକ୍ଷା

ଭବାନୀପାଟଣା,୧୩।୭(ସ୍ୱ.ପ୍ର.): କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ କାର୍ଯ୍ୟରତ ୧୪୧ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ମଙ୍ଗଳବାର ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାର କିଛି ବ୍ଲକର ପିଇଓ ବୁଧବାର ଏପରି ବ୍ୟତିକ୍ରମକୁ ନେଇ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ନିକଟ ବ୍ଲକରେ ବଦଳି କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି। ନୂତନ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଦାୟିତ୍ୱ ନେବାର କିଛି ଦିନ ପରେ ଏହି ପଦକ୍ଷେପ ନେଇଛନ୍ତି। ତେବେ ଏହି ବଦଳିରେ ଅନେକ ପିଇଓମାନଙ୍କୁ ପୂର୍ବାପେକ୍ଷା ଦୂର ବ୍ଲକକୁ ବଦଳି କରଯାଇଛି। ଏପରିକି ପଡୋଶୀ ନୂଆପଡା ଜିଲାରେ ପ୍ରାୟ ପିଇଓଙ୍କୁ ନିଜ ବ୍ଲକରେ ବଦଳି ହୋଇଥିବାବେଳେ ଏଠାରେ କିନ୍ତୁ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ହେଲେ କଳାହାଣ୍ଡି ଜିଲାରେ ପିଇଓମାନଙ୍କୁ ନିଜ ବ୍ଲକ ତ ଦୂରର କଥା ନିକଟସ୍ଥ ବ୍ଲକକୁ ମଧ ଅନେକ ପିଇଓଙ୍କୁ ବଦଳି କରାଯାଇନାହିଁ। ଯାହାକୁ ନେଇ ସେମାନଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପତ୍ର ଅନୁଯାୟୀ ଜଣେ ପିଇଓ ନିଜ ବ୍ଲକରେ ରହିବା କଥା। ହେଲେ କଳାହାଣ୍ଡି ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ପ୍ରଶାସନ ପଞ୍ଚାୟତିରାଜ ବିଭାଗର ଏହି ଗାଇଡଲାଇନ୍ ମଧ ଉପେକ୍ଷା କରୁଥିବା ଏହି ଘଟଣାରୁ ଜଣାପଡିଛି।

## ଅଙ୍ଗନୱାଡି ପୁଷ୍ଟି, ଶିକ୍ଷା ପ୍ରକଳ୍ପର ଶୁଭାରମ୍ଭ

ଟିଟିଲାଗଡ଼, ୧୩।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକର ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି ଶିଶୁଙ୍କ ପାଇଁ ପୁଷ୍ଟି ଓ ଶିକ୍ଷା ପ୍ରକଳ୍ପ ବୁଧବାର ଶୁଭାରମ୍ଭ ହୋଇଛି। ଜିଭଦୟା ଫାଉଣ୍ଡେସନ ସହାୟତା ଓ ଆଶା ଅନୁଷ୍ଠାନ ସହଯୋଗରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ବ୍ଲକର ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମିନାକ୍ଷୀ ରାଜ, ସୁପରଭାଇଜର ପୂର୍ଣ୍ଣିମା ବୈଠାରୁ, ହେମଲତା ବିଶ୍ୱାଳ, ଆଶା ଅନୁଷ୍ଠାନ ସମ୍ପାଦକ ସଞ୍ଜିବ ପଟ୍ଟନାୟକ ଉପସ୍ଥିତିରେ ଶୁଭାରମ୍ଭ ହୋଇଛି। ଯୋଜନାରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କୁ ପୌଷ୍ଟିକର ଖାଦ୍ୟ ଯୋଜନାରେ କ୍ଷୀର, ବିସ୍କୁଟ ବଣ୍ଟନ କରାଯାଇଛି। ଏହା ସହ ଶିଶୁଙ୍କୁ ପୁସ୍ତକ ତଥା ଶିକ୍ଷା ପ୍ରଦାନ ପାଇଁ ଅତିରିକ୍ତ ଶିକ୍ଷକ ନିଯୁକ୍ତ ବ୍ୟବସ୍ଥା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ଲକର ଗୁଖୁଙ୍ଗ, ପିପିଲିବନ୍ଧ, ଘୁଗୁରପଲା, ଥଲକା ଆଦି ଗ୍ରାମକୁ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଅଙ୍ଗନୱାଡି କର୍ମୀ, ମାତୃ କମିଟି ଓ ଅଭିଭାବକ ଉପସ୍ଥିତିରେ ଯୋଜନାର ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁଙ୍କ ପୂର୍ଣ୍ଣାଙ୍ଗ ବିକାଶ ନେଇ ଏହା ଏକ ଫଳପ୍ରଦ ଯୋଜନା ବୋଲି ଶିଶୁ ବିକାଶ ଅଧିକାରୀ କହିଛନ୍ତି। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କେନ୍ଦ୍ରର ୧୬୦ ଜଣ ଶିଶୁଙ୍କୁ ନିୟମିତ ପୃଷ୍ଟିକର ଖାଦ୍ୟ ତଥା ଶିକ୍ଷା ପ୍ରଦାନ ବ୍ଯବସ୍ଥା କରାଯାଇଛି। ଏହି ଅବସରରେ ଆଶା ଅନୁଷ୍ଠାନ ପକ୍ଷରୁ ପରମେଶ୍ୱର ରଣା, ଭକ୍ତରାମ ସାହୁ, ସନାତନ ମାଝୀ, କ୍ରିଷ୍ଣା କିଷ୍ଟୁ, ଅଭୟ ରଣା, ପିତାମ୍ବର କୁମ୍ଭାର, ଅଙ୍ଗନୱାଡି କର୍ମୀ ଶଶିମୟୀ ଷଡଙ୍ଗୀ, ତୁଳସା ମାଝୀ, ଜାହ୍ନବି ରଣା ପ୍ରମୁଖ ଉପସ୍ଥିତ ଥିଲେ।





ପ୍ରକଳ୍ପ ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

## ୨୦ ଟଙ୍କା ଟିକସ ଅସୁଲିର ପ୍ରତିବାଦ

**କନ୍ଦାଜୁରୀ ସାପ୍ତାହିକ ବଜାର**

- ବିଡିଓଙ୍କ ଦ୍ୱାରସ୍ଥ କପଡ଼ା ବ୍ୟବସାୟୀ

ଲୋଇସିଂହା,୧୩।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ସାପ୍ତାହିକ ବଜାରରେ ଲିଜ୍‌ଧାରୀ ୨୦ଟଙ୍କା ଲେଖାଏ ଟିକସ ଅସୁଲିକୁ ବିରୋଧ କରିଛନ୍ତି କପଡା ବ୍ୟବସାୟୀ। ବୁଧବାର ଲିଜଧାରୀଙ୍କ ପକ୍ଷରୁ ମଗା ଯାଇଥିବା ୨୦ ଟଙ୍କା ନ ଦେବାରୁ ବେପାରୀମାନଙ୍କୁ ବଜାରରୁ ତଡି ଦିଆଯାଇଥିଲା। ଏହି ଘଟଣା ପରେ କପଡା ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଏଥିରୁ କୌଣସି ସୁଫଳ ମିଳି ନ ଥିଲା। ଅନ୍ୟନୋପାୟ ହୋଇ ବେପାରୀମାନେ ସଂଘ ସଭାପତି ଉଗ୍ରସେନ ମେହେର ନେତୃତ୍ୱରେ ବିଜେ ପଧାନ, ଚତୁର ସାହୁ, ସଦାନନ୍ଦ ମିସ୍ତ୍ରୀ, କରୁଣା ସାହୁ, ନରେଶ ସାହୁ ପ୍ରମୁଖ ବ୍ୟବସାୟୀ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବ୍ଲକ କାର୍ଯ୍ୟାଳୟରେ ସେମାନେ ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତାଙ୍କ ନିକଟରେ ଫେରାଦ ହୋଇଥିଲେ।



ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା କପଡା ବେପାରୀ।

ସପ୍ତାହର ବୁଧବାର କନ୍ଦାଜୁରୀ ସାପ୍ତାହିକ ବଜାର ସକାଳ ୭ରୁ ପୂର୍ବାହ୍ନ ୧୧ଟା ଯାଏ ବସିଥାଏ। ଏଠାରେ ପ୍ରାୟ ୨୦ ଜଣ କପଡା ବେପାରୀ ବ୍ୟବସାୟ ପାଇଁ ଆସିଥାନ୍ତି। ପୂର୍ବରୁ ବଜାର ଟିକସ ବେପାରୀମାନେ ୧୦ଟଙ୍କା ଲେଖାଏ ଦେଇ ଆସୁଥିଲେ। ପଞ୍ଚାୟତ ପକ୍ଷରୁ ନିକଟରେ ବଜାରକୁ ଜଣେ ବ୍ୟକ୍ତି ୧ଲକ୍ଷ ଟଙ୍କାରେ ଗୋଟିଏ ବର୍ଷ ପାଇଁ ଲିଜ୍ ନେଇଛନ୍ତି। ଗତ କିଛି ପାଳି ହେଲା ଟିକସ ୧୦ଟଙ୍କାରୁ ୨୦ଟଙ୍କାକୁ ବୃଦ୍ଧି କରାଯାଇଛି। ଅଧିକ ଟିକସକୁ ନେଇ କପଡା ବ୍ୟବସାୟୀ ପ୍ରତିବାଦ କରି ଆସୁଛନ୍ତି। ବଜାର ସ୍ୱଳ୍ପ ସମୟ ବସୁଥିବା ଏବଂ ପୂର୍ବଭଳି ବ୍ୟବସାୟ ହେଉ ନ ଥିବାରୁ ପୂର୍ବ ନିର୍ଦ୍ଧାରିତ ଦର ନେବାକୁ ଲିଜଧାରୀଙ୍କୁ ଅନୁରୋଧ କରି ଆସୁଥିଲେ ବୋପରୀ। ହେଲେ ବୁଧବାର ଲିଜଧାରୀ ଅଟଳ ରହି ୨୦ ଟଙ୍କା ଜୋର ଜବରଦସ୍ତି ମଗିଥିଲେ। ଧାର୍ଯ୍ୟ ଟଙ୍କା ନଦେଲେ ବଜାରେ ବସି ପାରିବ ନାହିଁ କହି ତଡି ଦେଇଥିବା ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ସରପଞ୍ଚ ଜାମିନି ମହାନନ୍ଦ କହିଛନ୍ତି, ଏହି ଘଟଣା ପରେ ବ୍ୟବସାୟୀମାନେ ଆମ ଘରକୁ ଆସିଥିଲେ। ମୁଁ ଏବେ ବଲାଙ୍ଗୀର ପ୍ରଶିକ୍ଷଣ ଶିବିରରେ ଅଛି। ନାଏବ ସରପଞ୍ଚଙ୍କ ସହ ଆଲୋଚନା ପାଇଁ ପରାମର୍ଶ ଦେଇଛି। ଏଥର ନିଲାମ ହାର ବଢିଛି। କେବଳ କପଡା ବେପାରୀ ସଂଘ ଧାର୍ଯ୍ୟ ଟଙ୍କା ଦେବାକୁ ମନା କରୁଛନ୍ତି। ଉଭୟପକ୍ଷଙ୍କୁ ନେଇ ଆଲୋଚନା କରି ସମାଧାନର ବାଟ ଫିଟିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଗୋପାଳଜୀ ମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ



ସୋନପୁର,୧୩।୭(ନି.ପ୍ର.): ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରେ ପ୍ରତିବର୍ଷ ଭଳି ବୁଧବାର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ମହାରାଜା ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିବା ସହ ଗୁରୁ ପୂର୍ଣ୍ଣିମାର ମହାତ୍ମ୍ୟ ବିଷୟରେ ବୁଝାଇଥିଲେ। ଏହି ଅବସରରେ ସଦ୍‌ଗୁରୁ ଭଗବାନ ଓ ବ୍ୟାସଜୀ ଭଗବାନଙ୍କୁ ପୂଜା କରାଯାଇଥିଲା। ସେହିପରି ସାମୂହିକ ଗୋପାଳ ସହସ୍ରନାମ, ରାଧା ସହସ୍ରନାମ ଓ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ହୋଇଥିଲା । ରାମାନୁଜ ପୂଜାରୀ ଓ ଶିବ ନାରାୟଣ ପୂଜାରୀ ପ୍ରମୁଖ ପୂଜା ଓ ଯଜ୍ଞ କରିଥିଲେ । ୨୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ । ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମଣ ପ୍ରସାଦ ପାଣ୍ଡିଆ, ଆନନ୍ଦ ପୂଝାରୀ, ଗୋପାଳ ପଧାନ, ଦାମୋଦର ନାୟକ ଓ ନିମ୍ବାର୍କ ସମ୍ପ୍ରଦାୟର ଭକ୍ତମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

### କଳାହାଣ୍ଡି ଜିଲାରେ ୧୪୧ ପିଇଓଙ୍କ ବଦଳି

- ନିକଟ ବ୍ଲକ ଦେବାକୁ ଜିଲାପାଳଙ୍କଠାରେ ଫେରାଦ
- ପଞ୍ଚାୟତିରାଜ ବିଭାଗର ଗାଇଡ୍ ଲାଇନକୁ ଉପେକ୍ଷା

ଭବାନୀପାଟଣା,୧୩।୭(ସ୍ୱ.ପ୍ର.): କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ କାର୍ଯ୍ୟରତ ୧୪୧ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ମଙ୍ଗଳବାର ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାର କିଛି ବ୍ଲକର ପିଇଓ ବୁଧବାର ଏପରି ବ୍ୟତିକ୍ରମକୁ ନେଇ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ନିକଟ ବ୍ଲକରେ ବଦଳି କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରଛନ୍ତି। ନୂତନ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଦାୟିତ୍ୱ ନେବାର କିଛି ଦିନ ପରେ ଏହି ପଦକ୍ଷେପ ନେଇଛନ୍ତି। ତେବେ ଏହି ବଦଳିରେ ଅନେକ ପିଇଓମାନଙ୍କୁ ପୂର୍ବପେକ୍ଷା ଦୂର ବ୍ଲକକୁ ବଦଳି କରଯାଇଛି। ଏପରିକି ପଡୋଶୀ ନୂଆପଡା ଜିଲାରେ ପ୍ରାୟ ପିଇଓଙ୍କୁ ନିଜ ବ୍ଲକରେ ବଦଳି ହୋଇଥିବାବେଳେ ଏଠାରେ କିନ୍ତୁ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

# ପୂଜ୍ୟପୂଜା ପରମ୍ପରା ସଂସ୍କୃତିର ମୂଳାଧାର

ବରଗଡ଼ ଅଫିସ୍/ଅମ୍ବାଭୋନା/ବରପାଲି,୧୩।୭

ଆମ ସଂସ୍କୃତି ହେଉଛି ବିଶ୍ୱ ବନ୍ଦନୀୟ। ପୂଜ୍ୟପୂଜା ପରମ୍ପରା ଭାରତୀୟ ସଂସ୍କୃତିର ମୂଳ ଆଧାର। ବରଗଡ଼ ଜିଲା ସଂକୀର୍ତ୍ତନ୍ୟ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଖଜୁରଟିକ୍ରା କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ଗୁରୁ ପୂର୍ଣ୍ଣିମା, ଗୁରୁ ପୂଜନ ଉତ୍ସବରେ ଅତିଥିବୃନ୍ଦ ଏହା ମତବ୍ୟକ୍ତ କରିଛନ୍ତି। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି ମୁଖ୍ୟ ଅତିଥି, ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଶିକ୍ଷାବିତ୍ ନବୀନ ପାତ୍ର, ପବନ କୁମାର ଅଗ୍ରୱାଲ ଅତିଥିଭାବେ ଯୋଗ ଦେଇଥିଲେ। ପରିଷଦ ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ୍ୟ ପରିବେଷଣ ହୋଇଥିଲା। ସଂକୀର୍ତ୍ତନ୍ୟ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞକର୍ତ୍ତା ପବନ ଅଗ୍ରୱାଲ, ସୁଶିଲ ଦାଶ, ଗୋରାଚାନ୍ଦ ସାହୁ, ବୃନ୍ଦାବନ ମାଲେକର, ଶିବ ନାରାୟଣ ପ୍ରମୁଖଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୋପାଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶ୍ରୀ ଗୋବର୍ଦ୍ଧନ ମଠ, ପୁରୀ ପୀଠାଧିଶ୍ୱର ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଅନନ୍ତ ଶ୍ରୀ ବିଭୂଷିତ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଅଧିନରେ ରହିଥିବା ପୀଠ ପରିଷଦ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ବରଗଡ଼ ଶାଖା ଆନୁକୂଲ୍ୟରେ ବରଗଡ଼ ଟାଉନ ଥାନାସ୍ଥିତ ବଟେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଥିଲା। ବ୍ୟାସ ଚୈତନ୍ୟ କର୍ମୀଙ୍କ ଦ୍ୱାରା ଗୁରୁ ତତ୍ତ୍ୱ ଉପରେ ପ୍ରବଚନ କରାଯାଇଥିଲା।



ବରଗଡ଼ ଖଜୁରଟିକ୍ରା ଗୁରୁ ପୂର୍ଣ୍ଣିମା ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ସଂସ୍କାର ଭାରତୀ, ବରଗଡ଼ ଶାଖା ପକ୍ଷରୁ ଅମ୍ବାଭୋନାସ୍ଥିତ କୁଠାରପାଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ ଶଶୀଭୂଷଣ ପାଣିଗ୍ରାହୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସଂସ୍କାର ଭାରତୀର ପଶ୍ଚିମ ପ୍ରାନ୍ତ ସଂଯୋଜକ ଜୟନ୍ତ ମହାରଣା, ବରଗଡ଼ ସଭାପତି ସଞ୍ଜୟ ଶତପଥୀ, ସମ୍ପାଦକ ପଞ୍ଚାନନ ବିର୍ତ୍ତିଆ, ମନୋରଞ୍ଜନ ସାହୁ, ଡ଼ଃ ତପସ୍ୱିନୀ ଗୁରୁ, ଅରବିନ୍ଦ ଗୁପ୍ତା, ଦୟାନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରପାଲି କେନାଲ ରୋଡ୍‌ସ୍ଥିତ ନିର୍ମାଣାଧୀନ ଶିରିଡ଼ି ସାଇ ମନ୍ଦିରରେ ବରଗଡ଼ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଗୁରୁ ପୂର୍ଣ୍ଣିମା ପାଳନ କରାଯାଇଥିଲା। ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ମନ୍ଦିର ପରିସରରେ ଏକ ମାଙ୍ଗଳିକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବରପାଲି ଏନଏସି ଅଧ୍ୟକ୍ଷ ଦିନେଶ ଗହୀର, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଲାଲ ବିକ୍ରମ ସିଂ ପ୍ରମୁଖ ଯୋଗଦାନ କରିଥିଲେ। ଦୀନବନ୍ଧୁ ପ୍ରଧାନ, ଗୋକୁଳାନନ୍ଦ ସ୍ୱାଇଁ, ମଦନଲାଲ ଅଗ୍ରୱାଲ, ସରୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ଖବରଦାତାଙ୍କ ପରିବାରକୁ ମିଳିଲା ସରକାରୀ ସହାୟତା

ବୌଦ୍ଧ,୧୩।୭(ସ୍ୱ.ପ୍ର.)

କରୋନାରେ ମୃତ ବୌଦ୍ଧ ଜିଲାର ଖବରଦାତା ଦୁର୍ବାକ୍ଷ ବସ୍ତିଆଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିବା ଜଣାଯାଇଛି। ଗତ ତା ୧୦।୦୫।୨୦୨୧ ରିଖରେ କରୋନାରେ ପୀଡିତ ସ୍ୱର୍ଗତ ବସ୍ତିଆଙ୍କୁ ପରିବାର ଲୋକ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ରାସ୍ତାରେ ଆମ୍ବୁଲାନ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସ୍ୱର୍ଗତ ବସ୍ତିଆଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲାର ଖବରଦାତାମାନେ ଦାବି କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଜରିଆରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଏ ନେଇ ବାରମ୍ବାର ସରକାରଙ୍କୁ ପତ୍ର ଜରିଆରେ ଅବଗତ କରି ଖବରଦାତା ବସ୍ତିଆଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ। ବର୍ତ୍ତମାନ ବୌଦ୍ଧର ବିଧାୟକ ପ୍ରଦୀପ କୁମାର ଅମାତ୍ ନିଜେ ସୂଚନା ଓ ଲୋକ ସଂପର୍କ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ ପରେ ଏ ସଂପର୍କରେ ତାଙ୍କୁ ମଧ ନିବେଦନ କରାଯାଇଥିଲା। ଶେଷରେ ଜିଲାପାଳ ମିଶ୍ର ଓ ମନ୍ତ୍ରୀ ଅମାତଙ୍କ ଉଦ୍ୟମକ୍ରମେ ସ୍ୱର୍ଗତ ବସ୍ତିଆଙ୍କ ପରିବାରକୁ ଗତ ୧୧ ତାରିଖ ଦିନ ସରକାର ୪ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦେଇଥିବା ଜଣାଯାଇଛି। ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିବା ନେଇ ସ୍ୱର୍ଗତ ବସ୍ତିଆଙ୍କ ଶାଳକ ତଥା ସୁବର୍ଣ୍ଣପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧାପକ ସୌରଭରଞ୍ଜନ ଖମାରୀ ସୂଚନା ପ୍ରଦାନ କରିଛନ୍ତି। ଏଥିପାଇଁ ବୌଦ୍ଧଜିଲା ସାମ୍ବାଦିକ ସଂଘ ପକ୍ଷରୁ ମନ୍ତ୍ରୀ ଅମାତ ଓ ଜିଲାପାଳ ମିଶ୍ରଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଛି।

# ଶିବିରରେ ୪୧ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୧୩।୭

ବରଗଡ଼ ଜିଲା ବରପାଲି କଦଳିପାଲିରେ ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ ଆନୁକୂଲ୍ୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ମୁଖ୍ୟ ଅତିଥି, ଯୋଗଗୁରୁ ଆନନ୍ଦ ପ୍ରଧାନ, ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର, ମହୁଲପାଲି ସରପଞ୍ଚ ରବିନ୍ଦ୍ର ଭୋଇ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୪୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜୀବନ ବିନ୍ଦୁ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ, ଟେକରାଜ ପ୍ରଧାନ, ଆଶିଷ ଭୋଇ, କ୍ଷୀତିପତି ପ୍ରଧାନ, ଶେଷଦେବ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଅତିଥିବୃନ୍ଦ ରକ୍ତଦାନ ଶିବିରକୁ ଉଦଘାଟନ କରୁଛନ୍ତି।

## ଆର୍ଥିକ ସ୍ୱାକ୍ଷରତା ଶିବିର

ବୌଦ୍ଧ,୧୩।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ହରଭଙ୍ଗା ବ୍ଲକର ପୁରୁଣାକଟକ ଗ୍ରାମପଞ୍ଚାୟତ ସଭାଗୃହଠାରେ ବୁଧବାର ଦିନ ଆର୍ଥିକ ସ୍ୱାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାରପ୍ରାପ୍ତ ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିରଞ୍ଚି ଧରୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ହରଭଙ୍ଗା ବିଡିଓ ସ୍ମିତ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସରୋଜ କୁମାର ପ୍ରଧାନ,ପୁରୁଣାକଟକ ଗ୍ରାମପଞ୍ଚାୟତ ସ୍ୱଳ୍ପ ସଞ୍ଚୟ ପ୍ରତିନିଧି ଶୈଳସୁତା କବାଟ, ରୀତା ତ୍ରିପାଠୀ, ସୁକାନ୍ତି ମେହେର, ନମିତା ଅମାତ, ବିମଳା ବେହେରା, ରିନାରାଣୀ ପଣ୍ଡା , ସର୍ଚ୍ଚୋଷିନୀ ସାହୁ ଓ ମୁଖ୍ୟବକ୍ତା ଭାବେ ପୁରୁଣାକଟକ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ରବିଶଙ୍କର ସାହୁ ଯୋଗ ଦେଇଥିଲେ। ଅତିଥିମାନେ ନିଜର କଷ୍ଟ ଲବ୍ଧ ଧନକୁ କିପରି ଡାକଘରେ କିମ୍ବା ସ୍ୱୀକୃତି ପ୍ରାପ୍ତ ବ୍ୟାଙ୍କରେ ଜମା କରି ସୁରକ୍ଷିତ ରଖିବ ସେ ନେଇ କହିଥିଲେ। ଏହାଛଡା ଚିଟଫଣ୍ଡଗୁଡିକରେ ଅର୍ଥ ନ ରଖିବାକୁ ପରାମର୍ଶ ଦେଇଥିଲେ।

## ନିଳାଦ୍ରି ବିଜେ

ତରଭା,୧୩।୭(ଡି.ଏନ.ଏ)

ମଙ୍ଗଳବାର ସନ୍ଧ୍ୟାରେ ତରଭାର ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରବେଶ ସମ୍ପନ୍ନ ହୋଇଛି । ଭିତର ଗୃହ ପ୍ରବେଶ ପୂର୍ବରୁ ମା' ଲକ୍ଷ୍ମୀ ବାଟ ଓଗାଳିବା ନୀତି କରାଯାଇଥିଲା। ଶେଷ ଦିନରେ ପ୍ରାୟ ୨୦ ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ସ୍କୁଲରେ ବ୍ୟାସଦେବ ଜୟନ୍ତୀ ସମାରୋହ



ବ୍ୟାସଦେବ ଜୟନ୍ତୀରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୧୩।୭

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ସ୍କୁଲରେ ମହାଭାରତ ରଚୟିତା ମହର୍ଷି ବ୍ୟାସଦେବ ଜୟନ୍ତୀ ବୁଧବାର ପାଳିତ ହୋଇଛି। ସ୍କୁଲ ଛାତ୍ର ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ସଂସ୍କୃତି ପରିଷଦ ମନ୍ତ୍ରୀ ଡିଲେଶ୍ୱରୀ ସୁନାଙ୍କ ସଂଯୋଜନା ଏବଂ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ୍ୟ ଗୁରୁ ପ୍ରମୋଦ ଦାଶ, ପ୍ରବଚକ ଜୟଦେବ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଗୁରୁପୂଜନ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ, ଜ୍ୟୋତ୍ସ୍ନା ତ୍ରିପାଠୀ, ପ୍ରଭାତୀମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାକଡ଼ରେ ଚାରାରୋପଣ

ବରଗଡ଼ ଅଫିସ୍,୧୩।୭

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଆଇ.ସି.ଏସ.ସି ଆସୋସିଏଶନ ପକ୍ଷରୁ ବୁଧବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଡାଙ୍ଗବାହାଲରୁ ଲେବିଡ଼ି ରାସ୍ତାରେ ବିଭିନ୍ନ କିସମର ୧୦୦ ଚାରା ରୋପଣ କରାଯାଇଥିଲା। ସେହିପରି ଗଛ ଲଗାଇବା ପାଇଁ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ଶ୍ରଦ୍ଧାକର ସାହୁ, ଫଗୁନୁ ଚରଣ ବାଗ, ପ୍ରସନ୍ନ କୁମାର ଭୋଇ, ଗଜପତି ସାହୁ, ଧବଳେଶ୍ୱର ମହାନନ୍ଦ, ସୁବଳ ଚନ୍ଦ୍ର ସାହୁ, ଶ୍ରୀପତି ସାହୁ, ଗଣପତି ସେଠ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଡାଙ୍ଗବାହାଲ-ଲେବିଡ଼ି ରାସ୍ତାରେ ଚାରା ରୋପଣ କରାଯାଉଛି।

# ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ନିଳାଦ୍ରି ବିଜେ

ଅମରପାଲି,୧୩।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାରେ ନିଳାଦ୍ରି ବିଜେ ସମ୍ପନ୍ନ ହୋଇଯାଇଛି। ଚତୁର୍ଦ୍ଧା ବିଗ୍ରହଙ୍କୁ ରଥରୁ ଓହ୍ଲାଇ ଗୋଟି ପହଣ୍ଡିରେ ପ୍ରଥମେ ସୁଦର୍ଶନ ,ବଳଭଦ୍ର, ସୁଭଦ୍ରାଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା। ଜଗନ୍ନାଥଙ୍କୁ ଭିତରକୁ ଛାଡ଼ି ନ ଥିଲେ ମା' ମହାଲକ୍ଷ୍ମୀ। ପରେ ଲକ୍ଷ୍ମୀ ନାରାୟଣ କଳି ଅନୁଷ୍ଠିତ ହୋଇଥିଲା। ଶେଷରେ ଜଗନ୍ନାଥ ପାଟଶାଢୀ ଓ ରସଗୋଲା ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କଲାପରେ ଦ୍ୱାର ଫିଟାଇଥିଲେ ମହାଲକ୍ଷ୍ମୀ। ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ରଚିତ ଗୀତର ନିର୍ଦ୍ଦେଶନା ଗିରିଧାରୀ ହୋତା ଦେଇଥିଲେ। ଉଫୁଲା ଗୁଣ୍ଡିଚା ମନ୍ଦିର କମିଟି ତରଫରୁ ପାଟଶାଢୀ ଓ ରସଗୋଲା ଯୋଗାଇ ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୀରମହାରାଜପୁର ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ମନ୍ଦିର କମିଟି ତରଫରୁ ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ପାଦକ ଶମ୍ଭୁ ପ୍ରସାଦ ପଣ୍ଡା, ସୁଦାମ ଚରଣ ସେଠୀ, କୋଷାଧକ୍ଷ ଭୂଷଣ କୁମାର ପାତ୍ର, ରମାକାନ୍ତ ପୁରୋହିତଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ନିଳାଦୀ ବିଜେ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# କୃଷକ ଉତ୍ପାଦକ ସଂଘର ବୈଠକ

ବରଗଡ଼ ଅଫିସ୍,୧୩।୭

ବରଗଡ ଜଳଛାୟା ପ୍ରକଳ୍ପ ନିକଟରେ ନାବାର୍ଡ଼ ଓ ମହାଶକ୍ତି ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା, ନାବାର୍ଡ଼ର ଜିଲା ବିକାଶ ପ୍ରବନ୍ଧକ ହଟକିଶୋର ବେହେରା, ଗମ୍ଭାରୀପାଲି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ନୃସିଂହ ଚରଣ ବାରିକ, ଅତିରିକ୍ତ ଉଦ୍ୟାନ ଅଧିକାରୀ ଗୋବିନ୍ଦ ପଣ୍ଡା, ଜଳଛାୟା ପ୍ରକଳ୍ପ ମୁଖ୍ୟ ଭୀମସେନ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ନାବାର୍ଡ଼ ପକ୍ଷରୁ ଗଠନ କରାଯାଇଥିବା ୪କୃଷକ ଉତ୍ପାଦକ ସଂଘର ନିର୍ଦ୍ଦେଶକମାନେ ଯୋଗଦାନ କରିଥିଲେ। ମହାଶକ୍ତି ଫାଉଣ୍ଡେଶନର ହୃଷିକେଶ ସାହୁ, କୃଷକ ଉତ୍ପାଦକ ସଂଘର ନିର୍ଦ୍ଦେଶକଙ୍କୁ ତାଲିମ ପ୍ରଦାନ କରିଥିଲେ। ମିହିର ରଞ୍ଜନ ସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁବୋଧ କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀ, କୃଷକ ଉତ୍ପାଦକ ସଂଘର ପ୍ରତିନିଧିବୃନ୍ଦ।

# ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ଼ ଉପରେ ଗୁରୁତ୍ୱ

ସୋନପୁର,୧୩।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ସୋନପୁର ଟାଉନ ହଲ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପ୍ରାକ୍ତନ ବିଧାୟକ ରବି ନାଏକ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ଜିଲା ପ୍ରଭାରୀ ଭବେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ଜିଲାରେ ସାଙ୍ଗଠନିକ ଅଭିବୃଦ୍ଧି ଉପରେ ଆଲୋଚନା କରିଥିଲେ । ତୃଣମୂଳସ୍ତରରୁ ସଂଗଠନ ସୁଦୃଢ ଉପରେ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । କେନ୍ଦ୍ର ସରକାର ପଞ୍ଚାୟତ ଓ ସହରାଞ୍ଚଳର ଉନ୍ନତି ପାଇଁ ପର୍ଯ୍ୟାପ୍ତ ଅନୁଦାନ ଯୋଗାଇ ଦେଉଥିଲେ ହେଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଅବହେଳା ପାଇଁ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନଥିବା ଭାଜପା ଅଭିଯୋଗ କରିଛି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଏମ୍‌ପିଙ୍କ ପ୍ରତିନିଧି ଶରତ ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ ସଭା ସଂଯୋଜନା କରିଥିବା ବେଳେ ଓବିସି ମୋର୍ଚ୍ଚା ଜିଲା ସଭାପତି ରାଧାକାନ୍ତ ମହାକୁର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର ଚିଠା ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ୍, ଜିଲା ଉପସଭାପତି ନଳିନୀ ପଣ୍ଡା, ଅଶୋକ ପୃଷ୍ଟି, ରାମ ନାରାୟଣ ବେଜ୍, ପୂର୍ଣ୍ଣଚନ୍ଦ୍ର ବିଶି, ଜିଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ, ଜିଲାର ସମସ୍ତ ମୋର୍ଚ୍ଚା ଓ ପ୍ରକୋଷ୍ଠ ସଭାପତି ଯୋଗଦାନ କରିଥିଲେ । କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଓ କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଗରିବଙ୍କୁ ମାଗଣାରେ ଖାଦ୍ୟଶସ୍ୟ ପ୍ରଦାନ, ମାଗଣା ଟୀକାକରଣ ଏବଂ ଜଳ ଜୀବନ ମିଶନରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ବିଦ୍ୟୁତ୍ ଦର ବୃଦ୍ଧି ଓ ଓବିସି ବର୍ଗଙ୍କୁ ଉପେକ୍ଷା ନେଇ ରାଜ୍ୟ ସରକାରଙ୍କୁ ଦଳ ପକ୍ଷରୁ ଦାୟୀ କରା ଯାଇଥିଲା । ପ୍ରାକ୍ତନ ଜିଲା ସଭାପତି ସୁରେଶ ଚନ୍ଦ୍ର ମହଲା ଉଦ୍‌ଯାପନୀ ଭାଷଣ ଦେଇଥିବା ବେଳେ ଜିଲା ସମ୍ପାଦକ ହେମନ୍ତ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ । ନଗର ସଭାପତି ଜଗଜ୍ୟୋତି ତ୍ରିପାଠୀ, ମିଥୁନ ସାହୁ, ବାବୁଲୁ ସାଗର, ତ୍ରିଲୋଚନ ତରିଆ, ନବଘନ ସାଗର ସହଯୋଗ କରିଥିଲେ ।



ଭାଜପା ବୈଠକରେ ବଲାଙ୍ଗୀର ଏମ୍‌ପି ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ତଥା ପବିତ୍ର ଗୁରୁପୂର୍ଣ୍ଣିମା ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଓ ଅଚାର୍ଯ୍ୟ ପ୍ରେମାନନ୍ଦ ମିଶ୍ର, ଆଚାର୍ଯ୍ୟା ବବିତା ମହାରଣା ଗୁରୁପୂର୍ଣ୍ଣିମାର ମାହାତ୍ମ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଗୁରୁମା ସଙ୍ଗୀତା ସାହୁଙ୍କ ତତ୍ତ୍ୱାବଧାନରେ ଦଶମ ଶ୍ରେଣୀ ଛାତ୍ରୀମାନେ ସଭା ସଂଯୋଜନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ରସାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦଳିତ ଅଧିକାର ମଞ୍ଚ ବୈଠକ

**ଖଡ଼ିଆଳ,୧୩।୭(ଡି.ଏନ.ଏ.):** ନୂଆପଡା ଜିଲା ଖରିଆର ପରୀକ୍ଷିତ ଟାଇଗର କଲେଜଠାରେ ଦଳିତ ଅଧିକାର ମଞ୍ଚର ଏକ ବୈଠକ ସମାଜର ବରିଷ୍ଠ ଫକୀର ମୋହନ ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଙ୍ଗଳବାର ଖରିଆର ଚିକିତ୍ସାଳୟ ଡାକ୍ତର ଦୀନବନ୍ଧୁ ମହାନନ୍ଦଙ୍କୁ ଯେପରି ଭାବରେ ରାଜରାସ୍ତାରେ ମାଡ଼ ମରାଗଲା ତାହାକୁ ନିନ୍ଦା କରାଯାଇଛି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିଯିବାକୁ ପ୍ରତିନିଧି ଦଳ ଖରିଆର ଥାନା ଯାଇ ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଳିଙ୍କୁ ଭେଟିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଅଭିଯୁକ୍ତଙ୍କ ପରିବାରଙ୍କୁ ମଧ ସହଯୋଗ କରିବାକୁ ପ୍ରସ୍ତାବରେ ଆଗତ ହୋଇଥିଲା। ଯଦି ଖରିଆର ପୋଲିସ ସନ୍ତୋଷ ଜନକ ପଦକ୍ଷେପ ନ ନିଏ ତାହେଲେ ଜିଲା ବ୍ୟାପି ଆନ୍ଦୋଳନ କରାଯିବ ବୋଲି ସଭାପତି କହିଥିଲେ। ଅନ୍ୟମାନଙ୍କ ମଧରେ ଛବି ସାଗର, ଜ୍ୟୋତିଲାଲ ବଞ୍ଜାରେ, ସୁରେନ୍ଦ୍ର କୁମାର, ରୁଦ୍ରରାଜ ବାଗ ମଞ୍ଚାସୀନ ଥିଲେ। କିଶୋର ବାଗ, କାର୍ତ୍ତିକ ବାଗ ପ୍ରମୁଖ ଶତାଧିକ କର୍ମକର୍ତା ଉପସ୍ଥିତ ଥିଲେ।

### ଜୋନାଲସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ଖଡ଼ିଆଳ,୧୩।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ, ସିନାପାଲି ଓ ବୋଡେନ ବ୍ଲକର କ୍ରୀଡ଼ା, ଜୁନିୟର ରେଡକ୍ରସ ଓ ସ୍କାଉଟ-ଗାଇଡ ବିଭାଗର ଜୋନାଲସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବରଙ୍କ ଅଧକ୍ଷତାରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ଖଡ଼ିଆଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, ବରିଷ୍ଠ ଶିକ୍ଷକ ବିଜୟ କୁମାର ନାଗ ମଞ୍ଚାସୀନ ଥିଲେ। ଖଡ଼ିଆଳ ବ୍ଲକ କ୍ରୀଡ଼ା ସମ୍ପାଦକ ରତନସିଂ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ରାଜକପୁର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସିନାପାଲି ବ୍ଲକ ସମ୍ପାଦକ ଗଙ୍ଗାରାମ ମେହେର, ବୋଡେନ ବ୍ଲକ ସମ୍ପାଦକ ଗୌତମ ବାଗ, ଦୟାନିଧି ଚଲାନ, ପ୍ରଶାନ୍ତ ପ୍ରଧାନୀ, ଧନଞ୍ଜୟ ବୈଠାରୁ, ଧନଞ୍ଜୟ ଦଣ୍ଡସେନା, କୁଳମଣି ନିଆଲ, କୁନ୍ତଳିନୀ ସାହୁ ପ୍ରମୁଖ ଶିକ୍ଷକ ବାର୍ଷିକ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

### ଗାୟତ୍ରୀ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

**ସିନାପାଲି,୧୩।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଗାୟତ୍ରୀ ଶକ୍ତିପୀଠ ଠାରେ ବୁଧବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ପୂଜାପାଠ କରାଯିବା ସହ ମନ୍ଦିରରେ ଏକ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅୟୋଜନ କରାଯାଇଥିଲା। ଏଥିସହ ଗାୟତ୍ରୀ ପରିଜନଙ୍କ ଦ୍ୱାରା ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ଅଖଣ୍ଡ ଜପ କରାଯାଇଥିଲା। ସେହିଭଳି ମଙ୍ଗଳବାର ଆଗାମୀ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ମହିଳା ଶ୍ରଦ୍ଧାଳୁଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରାଯାଇଥିଲା। ବୈଠକରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଉଭୟ ପ୍ରଦେଶର ପ୍ରଭାରୀ ଯୋଗଦାନ କରି ପ୍ରଶିକ୍ଷଣ ଦେବେ ବୋଲି ସିନାପାଲି ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ସୂଚନା ଦିଆଯାଇଛି।

# ବର୍ଷାରେ ଭାଙ୍ଗିଲା ଘର, ପରିବାର ଅସହାୟ

**ଖଡ଼ିଆଳ,୧୩।୭(ଡି.ଏନ.ଏ.)**


ଭଙ୍ଗା ଘର ସାମ୍ନାରେ ଶ୍ୟାମ କୁମାର ପଣ୍ଡାଙ୍କ ପରିବାର।

ନୂଆପଡ଼ା ଜିଲାରେ ଗତ କିଛି ଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଫଳରେ ଅନେକ ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଅନେକ ଚାଷୀଙ୍କ ଜମିରେ ପାଣି ଜମି ରହିଥିବା ଖବର ମିଳିଛି। ଖଡ଼ିଆଳ ବ୍ଲକ ବାଦି ଗ୍ରାମପଞ୍ଚାୟତ ମାଳପଡ଼ାରେ ରହୁଥିବା ଜଣେ ଗରିବ ପରିବାର ଶ୍ୟାମ କୁମାର ପଣ୍ଡା (୩୭)ଙ୍କ ଘର ଭାଙ୍ଗିଯାଇଛି। ଏବେ ପରିବାର ବେସାହାର ହୋଇଛନ୍ତି। ସୂଚନା ଯେ, ମାଳପଡ଼ାର ଶ୍ୟାମ କୁମାର ପଣ୍ଡା, ସ୍ତ୍ରୀ ସବିତା (୩୦), ପୁଅ ଅମନ(୮), ଝିଅ ଅଂସି(୨)ଙ୍କୁ ନେଇ ତାଙ୍କର ପରିବାର। ଶ୍ୟାମ ଜଣେ ଗରିବ ହୋଇଥିବାରୁ ନିଜ ପରିବାର ପ୍ରତି ପୋଷଣ କରିବାକୁ ଅନ୍ୟତ୍ର କାମ କରି ପ୍ରତିପୋଷଣ କରିଥାନ୍ତି। ଫଳରେ ସେ ଏ ପର୍ଯ୍ୟନ୍ତ ଘର ମଧ ନିର୍ମାଣ କରିପାରିନାହାଁନ୍ତି। ଅନେକ ଥର ଘର ପାଇଁ ପ୍ରଶାସନ ପାଖରେ ଆବେଦନ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଘରଟିଏ ମଧ ମିଳିପାରିନାହିଁ। ସେ ଏକ ଝାଟି ମାଟି କୁଡିଆ ଘରେ ରହୁଥିବାବେଳେ ଗତ ଦୁଇ ବର୍ଷ ହେଲା ବିଜୁ ପକ୍କା ଘର ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ସରକାରଙ୍କ ଏହି ସବୁ ଯୋଜନାରେ ଘର ମିଳିନାହିଁ। ବର୍ତ୍ତମାନ ଲଘୁଚାପ ଜନିତ ବର୍ଷାରେ ତାଙ୍କର ଘର ଭାଙ୍ଗି ଯାଇଥିବା ବେଳେ ସେ ଏବେ ଅନ୍ୟ ଘରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ଏ ନେଇ ସେ କୋହ ଭରା କଣ୍ଠରେ ଆମ ପ୍ରତିନିଧିଙ୍କୁ ତାଙ୍କର ଦୁଃଖ କଥା ଜଣାଇଛନ୍ତି। ଏ ନେଇ ଖଡ଼ିଆଳ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ଅତିଶୀଘ୍ର ସ୍ଥାନ ପରିଦର୍ଶନ କରି ତାଙ୍କୁ ଉପଯୁକ୍ତ ସହାୟତା ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ଶବାରଙ୍କୁ ପଚାରିବାରୁ ଶ୍ୟାମ ପଣ୍ଡାଙ୍କ ନାମ ତାଲିକାରେ ଅଛି, ଶୀଘ୍ର ତାଙ୍କୁ ଘର ପ୍ରଦାନ ପାଇଁ କାର୍ଯ୍ୟଦେଶ ଦିଆଯିବା ବୋଲି କହିଛନ୍ତି।

# ବିକାଶ କଲେଜରେ ମାଟ୍ରିକ ଗ୍ରେଡ୍ ୧ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ଜଣେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

**ଭବାନୀପାଟଣା,୧୩।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ୍ ହୋଇଥିବା ଜିଲାର କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ବୁଧବାର ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ବିକାଶ ଉଇସଡମ ପାର୍କ ପରିସରରେ କଲେଜ ଅଧକ୍ଷ ଯୁବରାଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିକାଶ ଅନୁଷ୍ଠାନ ବରଗଡ଼ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ସମ୍ମାନିତ ଅତିଥି ଡ଼ା ଏସ୍‌ଏନ୍ ପଣ୍ଡା, ଡି ଶ୍ୟାମ, ଡି ରାମ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସମ୍ମାନିତ କରିଥିଲେ। ମେଧାବୀ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା କିପରି ପାଇ ପାରିବେ, ନିଜ ଉଜ୍ଜଳ ଭବିଷ୍ୟତ ଗଠନ କରିବା ସହ ଦେଶ ଓ ଜାତିର ବିକାଶରେ ସହଯୋଗ କରିପାରିବେ ସେ ନେଇ ଅତିଥିମାନେ ମାର୍ଗ ଦର୍ଶନ କରିଥିଲେ। ଏଥିରେ ସ୍କୁଲ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅଶ୍ୱିନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ବସ୍‌ଷ୍ଟାଣ୍ଡ ଓ ସ୍କୁଲରେ ବର୍ଷା ଜଳ ଜମି ରହିଛି।

# ଲଗାଣ ବର୍ଷାରେ ସ୍କୁଲ, ବସ୍‌ଷ୍ଟାଣ୍ଡ ଜଳମଗ୍ନ

**ବୋଡେନ,୧୩।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନରେ ଲଗାଣ ବର୍ଷା ପ୍ରଭାବରେ ଚାରି ଆଡେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ବୋଡେନ ମୁଖ୍ୟ ଛକ ବସ୍‌ଷ୍ଟାଣ୍ଡ ପାଖରେ ଥିବା ସର୍ବ ପୁରାତନ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବର୍ଷା ଯୋଗୁ ଜଳମଗ୍ନ ହୋଇଥିବା ଦେଖାଯାଇଛି। ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଏଠାରେ ପୂର୍ବ ପ୍ରଧାନ ଶିକ୍ଷକ ପକ୍କା ବାଡରେ ଏକ କଣା କରି ପାଣି ନିଷ୍କାସନ ବ୍ୟବସ୍ଥା କରିଥିଲେ। ହେଲେ ସ୍କୁଲ ବାହାରେ ନିର୍ମାଣ କାମ ଯୋଗୁ ଜଳ ନିଷ୍କାସନ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବୁଧବାର ସକାଳୁ ସ୍କୁଲ ପରିସରରେ ଆଣ୍ଠୁଏ ପାଣି ଜମି ରହିଥିବା ଦେଖାଯାଇଛି। ଯାହା ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କ ପାଇଁ ଅସୁବିଧାର କାରଣ ହେବା ସହ ଛାତ୍ରୀଛାତ୍ର ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ବାଧ ହେଉଛନ୍ତି। ପୁଣି ବୋଡେନ ବସ୍‌ଷ୍ଟାଣ୍ଡ ଛକରେ ଦୀର୍ଘ ଦିନ ହେଲା ସାମାନ୍ୟ ବର୍ଷା ହେଲେ ମଝି ରାସ୍ତାରେ ପାଣି ଜମା ହୋଇ ଯାତାୟାତରେ ବାଧା ସୃଷ୍ଟି କରୁଛି। ରାସ୍ତା ଉପରେ ପାଣି ଜମା ହୋଇ ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ବୋଡେନ ବ୍ଲକ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଡାକ୍ତରଖାନା, ହାଇସ୍କୁଲ, କଲେଜ, ଥାନା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ଯିବା ସହ ଦୋକାନ ବଜାର ପାଇଁ ଲୋକେ ନିର୍ଭର କରନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ସମାଧାନ ହୋଇ ପାରିନାହିଁ। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଆଦର୍ଶ ହରାଉଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ



ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

**ଜୁନାଗଡ,୧୩।୭(ଡି.ଏନ.ଏ.)**

- ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ ଦାବି
- ସ୍କୁଲ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା
- ୭ ଶିକ୍ଷକ, କିରାଣି ପଦବୀ ଖାଲି

କଳାହାଣ୍ଡି ଜିଲା ଜୁନାଗଡ ଓଡିଶା ଆଦର୍ଶ ବିଦ୍ୟାଳୟରେ (ଓଏଭି)ରେ ଏବେ ଶିକ୍ଷକ ଅଭାବ ଦେଖିବାକୁ ମିଳିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏପରିକି ଆଗକୁ ପରୀକ୍ଷା ଥିବାବେଳେ ଶିକ୍ଷକ ନିଯୁକ୍ତି ଅଭାବରୁ ପାଠପଢାକୁ ନେଇ ଦ୍ୱନ୍ଦରେ ଛାତ୍ରୀଛାତ୍ର ରହିଛନ୍ତି। ଏହି ପରିପ୍ରେକ୍ଷିରେ ବୁଧବାର ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ସ୍କୁଲ ଫାଟକ ସମ୍ମୁଖରେ ସ୍ଥାନୀୟ ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ପୂର୍ବାହ୍ନ ୧୦ଟାରୁ ଧାରଣା ଦେଇଥିଲେ। ଖବର ପାଇ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ସହକାରୀ ଜିଲାପାଳ ଚିନ୍ମୟ ମିଶ୍ର, ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ବିଡିଓ ଦୁଲାରାମ ମାରାଣ୍ଡି, ଆଇଆଇସି ଉତ୍ତମ କୁମାର ସାହୁ ପ୍ରମୁଖ ପହଞ୍ଚି ବିଦ୍ୟାର୍ଥିଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୭ ଦିନ ଭିତରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାର୍ଥୀମାନେ ପୂର୍ବାହ୍ନ ୧୧ଟା ପରେ ଧାରଣାରୁ ହଟିଥିଲେ। ପ୍ରକାଶ ଯେ, ଏହି ସ୍କୁଲରେ ବର୍ତ୍ତମାନ ସ୍ଥାୟୀ ଅଧକ୍ଷଙ୍କ ସମେତ ଫିଜିକ୍ସ, ଗଣିତ, ସଂସ୍କୃତ, ହିନ୍ଦି, କଳା ଓ ସଙ୍ଗୀତ ଆଦି ୭ଟି ଶିକ୍ଷକ ଖାଲିପଡିଥିବା ଜଣାପଡିଛି। ସେହିପରି କିରାଣି ପଦବୀ ମଧ ଖାଲି ପଡିଥିବାରୁ କାର୍ଯ୍ୟରତ ଶିକ୍ଷକମାନେ ଏହି କାମ କରୁଛନ୍ତି। ଅନ୍ୟପକ୍ଷରେ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସ୍ୱଳ୍ପ ସାମୟିକ ଭାବେ ସ୍ଥାନୀୟ ପିଆଇ କଲେଜ ଫିଜିକ୍ସ ଓ ଗଣିତ ଅଧାପକ ଗୁରୁବାରଠାରୁ ନିଜ ବିଷୟ ଅନୁଯାୟୀ ଏଠାରେ ପାଠପଢାଇବେ ବୋଲି ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କଠାରୁ ଜଣାପଡିଛି।

# ଡାକ୍ତରଙ୍କୁ ମାଡ଼ ଘଟଣାର ପ୍ରତିବାଦ, ଦାବିପତ୍ର

**ଖଡ଼ିଆଳ,୧୩।୭(ଡି.ଏନ.ଏ.)**


ଦାବିପତ୍ର ପ୍ରଦାନ ଲାଗି ଆସିଥିବା ଡାକ୍ତର ଓ କର୍ମଚାରୀମାନେ।

ନୂଆପଡା ଜିଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟର ଇନଚାର୍ଜ ଡାକ୍ତର ଦୀନବନ୍ଧୁ ମହାନନ୍ଦଙ୍କୁ ମଙ୍ଗଳବାର ସ୍ଥାନୀୟ ସହର ବ୍ଲକ ଛକ ମୁଖ୍ୟ ରାସ୍ତାରେ ମରଣାତ୍ମକ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ନେଇ ବୁଧବାର ଆୟୁଷ ଡାକ୍ତର ଆଦିତ୍ୟ ନାରାୟଣ ଯୋଶୀଙ୍କ ନେତୃତ୍ୱରେ ଉପଖଣ୍ଡ ଚିକିତ୍ସାଳୟ ସମସ୍ତ ଡାକ୍ତର ଓ କର୍ମଚାରୀ ପ୍ରତିବାଦ କରିଛନ୍ତି। ଖଡ଼ିଆଳ ଥାନାକୁ ଆସି ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶହ ନିଜ ସୁରକ୍ଷା ପାଇଁ ଦାବି କରିଥିଲେ। ରୋଗୀଙ୍କୁ ଉତ୍ତମ ଚିକିତ୍ସା ଓ ସେବା ଯୋଗାଉଥିବା ଡାକ୍ତର ଓ କର୍ମଚାରୀମାନେ ଅନେକ ସମୟରେ ରୋଷର ଶିକାର ହେଇ ଆସୁଛନ୍ତି। ଡାକ୍ତର ମହାନନ୍ଦ ଜଣେ ଗର୍ଭବତୀଙ୍କୁ ଚିକିତ୍ସା କରୁଥିବା ବେଳେ ମହିଳାଙ୍କ ଗର୍ଭରେ ଶିଶୁଟି ମୃତ୍ୟୁବରଣ କରିଥିଲା। ଏହି ଘଟଣାକୁ ନେଇ ଚିକିତ୍ସିତ ହେଉଥିବା ମହିଳାଙ୍କ ସ୍ୱାମୀ ଜୁଧେସ ମୁଙ୍ଗରି ଡାକ୍ତର ମହାନନ୍ଦଙ୍କୁ ସହର ମୁଖ୍ୟ ରାସ୍ତାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି ଅମାନବୀୟ ଆକ୍ରମଣକୁ ନେଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କାର୍ଯ୍ୟରତ ଡାକ୍ତର ଓ ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଖଡ଼ିଆଳ ଥାନାରେ ଦାବି କରିଛନ୍ତି। ଘଟଣାର ତଦନ୍ତ ପୋଲିସ ଜାରି ରଖିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଶୀଘ୍ର ଧରିବ ବୋଲି ଥାନାଧିକାରୀ ଅନିରୁଧ ମୁଦୁଲି ପ୍ରକାଶ କରିଛନ୍ତି।

### ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁପୂର୍ଣ୍ଣିମା ପାଳିତ

**ଖଡ଼ିଆଳ,୧୩।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା ଓ ସମ୍ମାନିତ ଅତିଥି ଗଡ୍ରାମୁଣ୍ଡା ସରପଞ୍ଚ ବୃନ୍ଦାବନ ବାଗ ଓ ମୁଖ୍ୟବକ୍ତା ଅକିଞ୍ଚନ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ଭୋକ୍ତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିନୋଦ ବିହାରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଗଣେଶ ଗହୀରଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିଶୁ ଓ ଗୁରୁଜୀ ଗୁରୁମା ସଂଘ ପ୍ରାର୍ଥନା ଓ ଗୁରୁପୂଜନ କରାଯଇଥିଲା।

# ଚଚରାଭଟା ଲିଟିଗୁଡ଼ା ରାସ୍ତା ଶୋଚନୀୟ, ମରାମତି ଦାବି

**ସିନାପାଲି,୧୩।୭(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଚରଭଟା ଲିଟିଗୁଡା ମୁଖ୍ୟ ରାସ୍ତା ମରାମତି ଅଭାବରୁ ଦୀର୍ଘଦିନ ହେଲା ଶୋଚନୀୟ ଅବସ୍ଥାରେ ପଡିରହିଛି। ବାରମ୍ବାର ପ୍ରଶାସନକୁ ଅବଗତ କରାଯାଉଥିଲେ ବି କୌଣସି ସୁଧାର ଆସୁନାହିଁ। ବର୍ତ୍ତମାନ ବର୍ଷା ଋତୁରେ ଅବସ୍ଥା ଦ୍ୱିଗୁଣିତ ହୋଇଯାଇଛି। ଯାତାୟାତରେ ଲୋକେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ରାସ୍ତା ଲିଟିଗୁଡା ପଞ୍ଚାୟତରୁ ଭୟା ଚଚରାଭଟା ଦେଇ ବ୍ଲକ ମୁଖ୍ୟାଳୟକୁ ସିଧା ସଂଯୋଗ କରୁଛି। ବ୍ଲକ ମୁଖ୍ୟାଳୟକୁ ଯିବା ପାଇଁ ଏହା ଏକ ମାତ୍ର ରାସ୍ତା ଯୋଗୁ ସମସ୍ତେ ନିର୍ଭର କରିଥାନ୍ତି। ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର ତଥା ଜନସାଧାରଣ ଏହି ରାସ୍ତା ଦେଇ ବ୍ଲକ, କଲେଜ, ତହସିଲ, ହସ୍ପିଟାଲ ଆଦିକୁ ଯିବାଆସିବା କରନ୍ତି। ସେହିପରି ଚଚରାଭଟା ପଟୁ ମଧ ଶତାଧିକ ଛାତ୍ରୀଛାତ୍ର ତଥା ଜନସାଧାରଣ ହାତିବନ୍ଧା କଲେଜ, ହାଇସ୍କୁଲ, ଆରଆଇ ଅଫିସ, ହସ୍ପିଟାଲକୁ ଯିବାଆସିବା କରିଥାନ୍ତି। ପୁଣି ହାତିବନ୍ଧା ଅଞ୍ଚଳର ଏକ ବାଣିଜ୍ୟିକ କେନ୍ଦ୍ରସ୍ଥଳୀ ହେତୁ ଲୋକେ ସଦାସର୍ବଦା ଯାତାୟାତ କରିଥାନ୍ତି। ବର୍ତ୍ତମାନ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରେ ଛାତ୍ରୀଛାତ୍ରଙ୍କ ଯିବାଆସିବା ସମ୍ଭବ ହେଉନାହିଁ। ରାସ୍ତାରେ ଗଲାବେଳେ କୌଣସି ଗାଡ଼ିକୁ ସାଇଡ ଦେବା ମଧ ସମ୍ଭବ ହେଉନାହିଁ। ପ୍ରକାଶ ଯେ, ନିର୍ବାଚନ ସମୟରେ ଅନେକ ନେତାମନ୍ତ୍ରୀ ଓ ଜନପ୍ରତିନିଧି ନିର୍ବାଚିତ ହୋଇ ପ୍ରତିଶ୍ରୁତି ଦେଇ ଚାଲି ଯାଉଛନ୍ତି। ହେଲେ ପ୍ରତିଶ୍ରୁତି ପାଣିର ଗାର ପାଲଟି ଯାଉଛି। ସ୍ଥାନୀୟ ଜନପ୍ରତିନିଧି ଓ ସରକାରୀ ଅଧିକାରୀମାନଙ୍କ ଅନ୍ତରିକତାର ଅଭାବ ଯୋଗୁ ଏଠି ବିକାଶ ବିନାଶ ମୁହାଁ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବ୍ଲକ ତଥା ଜିଲା ପ୍ରଶାସନ ଏଥି ପ୍ରତିଦୃଷ୍ଟି ଦେଇ ଉକ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ଶୋଚନୀୟ ହୋଇପଡ଼ିଥିବା ଚଚରାଭଟା ଲିଟିଗୁଡା ରାସ୍ତା।

# ଧୋକା ଦେଲା ସରକାରୀ ବିହନ

**ଭବାନୀପାଟଣା,୧୩।୭(ସ୍ୱ.ପ୍ର.)**


ସ୍ଥାନୀୟ ଗ୍ରାମର ଚାଷୀ।

ପୁଣି ଚାଷୀଙ୍କ ମୁଣ୍ଡରେ ଚଡକ। ସରକାରୀ ବିହନ ଲଗେଇ ଫସିଲେ ଚାଷୀ। ଧୋକା ଦେଲା ସରକାରୀ ବିହନ। ୧୫ ଦିନ ପରେ ବି ଗଜା ହେଉନି। ଏଭଳି ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ରଏନଗୁଡା ଗାଁରୁ। ଧାରକରଜ କରି ସ୍ଥାନୀୟ ଚାଷୀମାନେ ସରକାରୀ ବିହନ ଉପରେ ଭରସା କରି ଗାଁର ବ୍ୟବସାୟୀ ନିକଟରୁ କିଣିଥିଲେ। ଜମିରେ ହଳ ଲଙ୍ଗଳ କରି ବିହନ ବୁଣିଥିଲେ। ହେଲେ ୧୫ ଦିନ ପରେ ମଧ ଗଜା ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ଚାଷର ଉପଯୁକ୍ତ ସମୟ ଆସି ପହଞ୍ଚି ଯାଇଥିବା ବେଳେ ଗଜା ନ ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗୋଟିଏ ପଟେ ସରକାର ଚାଷୀମାନେ ଅଧିକ ଲାଭବାନ ହେବା ପାଇଁ ସରକାରୀ ବିହନ ବ୍ୟବହାର ନେଇ ବଡ ବଡ ପୋଷ୍ଟର ମାଧ୍ୟମରେ ସଚେତନ କରାଉଛନ୍ତି। ଏପରିକି ଗ୍ରାମ ସେବକଙ୍କ

### ୧୫ ଦିନ ପରେ ହେଉନି ଗଜା

ଦ୍ୱାରା ଗାଁ ଗାଁରେ ବିହନ ବିଶୋଧନ ବ୍ୟବସ୍ଥା କରାଇଛନ୍ତି। ହେଲେ ସରକାରୀ ଧାନ ବିହନ ଚାଷ ଜମିରେ ଗଜା ନ ହେବା ଏକ ଆଶ୍ଚର୍ଯ୍ୟ ବିଷୟ। ଓଡିଶା ବିହନ ନିଗମ ଲିମିଟେଡ୍, ଯାହା ଓଏସଏସସି ଲାଇସେନ୍ସ ପ୍ରାପ୍ତ ଡିଲରକୁ ବିକ୍ରି କରିବାକୁ ଅନୁମତି ଦେଇଥାଏ। ସେଠାରୁ ହିଁ ବିହନ କିଣି ଚାଷୀଙ୍କୁ କ୍ଷତିଗ୍ରସ୍ତ ହେବାକୁ ପଡୁଛି। ଏପରିକି କେତେବେଳେ ଧାନର ଅଭାବି ବିକ୍ରି ତ ଆଉ କେତେବେଳେ ନକଲି ବିହନ, ସାରରେ ଠକାମି। ସେହିପରି ଚଢା ଦରରେ ଧାନ ବିକ୍ରୟ ହେଉଥିଲେ ବି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। କୃଷି ବିଭାଗ ଅଧିକାରୀ ତୁରନ୍ତ ଏହାର ତଦନ୍ତ କରି ପୁନଃ ଚାଷୀଙ୍କୁ ଭଲ ବିହନ ମାଗଣାରେ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଅବକାରୀ ଚଢ଼ାଉ: ମଦ ଜବତ

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲଙ୍ଗଳକଟା ଗ୍ରାମର ମଧୁ ସାହୁଙ୍କ ଘରେ ବୁଧବାର ଚଢ଼ାଉ କରାଯାଇ ୧୫ ଲିଟର ଚୋରା ମଦ ଜବତ ହୋଇଛି । ଏହି ଘଟଣାରେ ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବିନିକା ଅବକାରୀ ଅଧିକାରୀ ଗୋବର୍ଦ୍ଧନ ରଣା, ଏଏସଆଇ କେଶବ ଧରୁଆ,ଭେଙ୍କଟ ବେହେରା, ପ୍ରଶାନ୍ତ ପରିଡା ଓ ମମତା ବାଘ ଚଢ଼ାଉରେ ସାମିଲ ଥିଲେ ।

# ଆବଶ୍ୟକ ବେଳେ ମିଳୁନି ସାର

**ବରଗଡ଼ ଅଫିସ୍,୧୩।୭**

- ସାର ଅଭାବ ନେଇ ବଢ଼ୁଛି ଅସନ୍ତୋଷ
- ଚାଷ ଆରମ୍ଭରୁ କଳାବଜାର ଅଭିଯୋଗ
- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। ଚାଷୀମାନେ ଧାନ ବୁଣାବୁଣି ସହିତ ପହ୍ଲାରୁଆ ଆରମ୍ଭ କରି ଦେଇଛନ୍ତି। ହେଲେ ବର୍ତ୍ତମାନ ଡିଏପି, ୟୁରିଆ ଆବଶ୍ୟକ ପଡୁଥିବାବେଳେ ସାର ଅଭାବ ଚାଷୀକୁଳକୁ ଚିନ୍ତାରେ ପକାଇ ଦେଇଛି। ଅନ୍ୟପକ୍ଷେ ମୁନାଫାଖୋର ବ୍ୟବସାୟୀମାନେ ସାର କଳାବଜାର କରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାପ୍ତ ସାର ଯୋଗାଇ ଦେବାକୁ ଦାବି ହୋଇଛି। ଏହି ଦାବି ନେଇ ବୁଧବାର ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ବ୍ଲକ ଶାଖାର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ଫେରାଦ ହୋଇ ସ୍ମାରକ ପ୍ରଦାନ କରିଛନ୍ତି। ତେବେ କେବଳ ଅତାବିରା ନୁହେଁ, ସାରାଜିଲାରେ ଡିଏପି ଏବଂ ୟୁରିଆ ସାର ଅଭାବ ପରିଲକ୍ଷିତ ହୋଇଛି। ପର୍ଯ୍ୟାପ୍ତ ସାର ଯୋଗାଇ ଦେବା ପାଇଁ ସମ୍ପୃକ୍ତ ସାର କମ୍ପାନୀକୁ ଲେଖି ଜଣାଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ମହାରଣା କହିଛନ୍ତି।

ଜିଲାରେ ୩ଲକ୍ଷ ୪୮ହଜାର ଚାଷୋପଯୋଗୀ ଜମି ରହିଛି। ସେଥିମଧ୍ୟରୁ ଖରିଫରେ ୨ଲକ୍ଷ ୪୩ହେକ୍ଟର ଜମିରେ ଧାନଚାଷ ହେଉଥିବାବେଳେ ବାକି ଜମିରେ ଅଣଧାନ ଚାଷ ହୋଇଥାଏ। ଖରିଫରେ ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଚାଷକାର୍ଯ୍ୟ ହୋଇଥାଏ। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଖରିଫ ପାଇଁ ୨୪ହଜାର ୫୦୦ ମେଟ୍ରିକ ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି। ମାତ୍ର ଏପର୍ଯ୍ୟନ୍ତ ଜିଲାକୁ ୧୪ହଜାର ୪୯୧ ମେଟ୍ରିକ ଟନ୍ ୟୁରିଆ ସାର ମିଳିଛି। ସେହିପରି ୧୫ହଜାର ମେଟ୍ରିକ ଟନ ଡିଏପି ସାର ଆବଶ୍ୟକତା ରହିଥିବାବେଳେ ଏପର୍ଯ୍ୟନ୍ତ କେବଳ ୭ହଜାର ମେଟ୍ରିକ ଟନ୍ ଡିଏପି ସାର ଜିଲାକୁ ଆସିଛି। କମ୍ପ୍ଲେକ୍ସ, ପଟାସ୍ ସାର ମଧ୍ୟ ଆବଶ୍ୟକତା ଅନୁଯାୟୀ ଜିଲାକୁ ପହଞ୍ଚି ପାରିନାହିଁ। ୨୧ହଜାର ୩୫୦ ମେଟ୍ରିକ ଟନ କମ୍ପ୍ଲେକ୍ସ ସାର ଆବଶ୍ୟକତା ରହିଛି। କିନ୍ତୁ ୯୩୦୯ ମେଟ୍ରିକ ଟନ୍ କମ୍ପ୍ଲେକ୍ସ ସାର ଜିଲାକୁ ଆସିଛି। ସେହିପରି ୮୫୦୦ ମେଟ୍ରିକ ଟନ୍ ପଟାସ୍ ସାର ଆବଶ୍ୟକତା ରହିଥିବାବେଳେ ମାତ୍ର ୬୮୫ ମେଟ୍ରିକ ଟନ୍ ପଟାସ୍ ସାର ପହଞ୍ଚିଛି।


ସାର ଯୋଗାଣ ଦାବିରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ସାର କମ୍ପାନୀଗୁଡ଼ିକରୁ ମାର୍କଫେଡ୍ ସାର ଆଣୁଥିବାବେଳେ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ଗୁଡ଼ିକୁ ଯୋଗାଉଛି। ସେଠାରୁ ଚାଷୀମାନେ ସାର ନେଇଥାନ୍ତି। ସେହିପରି ଲାଇସେନ୍ସପ୍ରାପ୍ତ ଡିଲରମାନେ ମଧ୍ୟ ସାର ବିକୁଛନ୍ତି। ବର୍ତ୍ତମାନ ଚାଷକାର୍ଯ୍ୟରେ ମୁଖ୍ୟତଃ ଡିଏପି ଏବଂ ୟୁରିଆ ସାର ଦରକାର ପଡ଼ିଥାଏ। କିନ୍ତୁ ଜମିରେ ତାହା ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ପ୍ରାଥମିକ କୃଷି ସମବାୟ ସମିତିକୁ ସାର ଆଣିବାକୁ ଚାଷୀମାନେ ଯାଉଛନ୍ତି, ମାତ୍ର ସାର ନ ପାଇ ସେମାନଙ୍କୁ ସେଠାରୁ ନିରାଶରେ ଫେରିବାକୁ ପଡୁଛି ବୋଲି ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ଶାଖାର ସଭାପତି ବୀରେନ୍ଦ୍ର କର କହିଛନ୍ତି। ଅନ୍ୟପକ୍ଷେ ଜିଲାରେ ସାର କଳାବଜାର ଚାଲିଥିବାବେଳେ କଲାପାଣିର ଚାଷୀ ମହାଦେବ ମହାପାତ୍ର କହିଛନ୍ତି। ସାର କଳାବଜାର ରୋକି ଚାଷୀମାନଙ୍କୁ ନିର୍ଦ୍ଧାରିତ ଦରରେ ସାର ଯୋଗାଇ ଦେବାକୁ ମହାପାତ୍ର ଦାବି କରିଛନ୍ତି। ଅନୁରୂପ ଦାବି ନେଇ ଅତାବିରା କୃଷକ ସଂଗଠନର ପ୍ରତିନିଧି ଦଳ ଜିଲାପାଳ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ କାର୍ଯ୍ୟାଳୟକୁ ଆସିଥିଲେ। ଅତାବିରା ବ୍ଲକରେ ସର୍ବାଧିକ ଧାନଚାଷ ହୋଇଥାଏ। ଫଳରେ ଏହି ବ୍ଲକରେ ରହିଥିବା ୬ଟିପାକ ପାକ୍ସକୁ ପର୍ଯ୍ୟାପ୍ତ ପରିମାଣରେ ସମସ୍ତ କିସମର ସାର ଯୋଗାଇ ଦେବାକୁ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି।

## ସଂକ୍ଷେପରେ

### ଗୁରୁ ମେହେର ସଭାପତି ନିର୍ବାଚିତ
#### ବରପାଲି କୃଷି ସମବାୟ ସମିତି

**ବରପାଲି, ୧୩।୭(ଡି.ଏନ.ଏ.):** ବରଗଡ ଜିଲା ବରପାଲି ପ୍ରାଥମିକ କୃଷି ସମବାୟ ସମିତିର ସଭାପତିଭାବେ ଗୁରୁ ମେହେର ନିର୍ବାଚିତ ହୋଇଛନ୍ତି । ମୋଟ ୧୫ଜଣ ଡାଇରେକ୍ଟରଙ୍କ ମଧ୍ୟରୁ ଗୁରୁ ମେହେରଙ୍କୁ ୮ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଧଜ ପ୍ରଧାନଙ୍କୁ ୭ ଖଣ୍ଡ ଭୋଟ ମିଳିଥିଲା। ଗୁରୁ ପୂର୍ବରୁ ସେବା ସମବାୟ ସମିତିରୁ ଡାଇରେକ୍ଟର ଭାବରେ ନିର୍ବାଚିତ ହୋଇ ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କର ଡାଇରେକ୍ଟର ଭାବରେ କାର୍ଯ୍ୟ କରି ସାରିଛନ୍ତି। ଅଭିଜ୍ଞତାକୁ ପାଥେୟ କରି ସଭାପତିଭାବେ ଚାଷୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଗୁରୁ କହିଛନ୍ତି।

### ସେଲେଡି ସମବାୟ ସଭାପତି ହେଲେ ସୁରେଶ ପୂଜାରୀ

**ବିନିକା,୧୩।୭(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ସେବା ସମବାୟ ସଭାପତି ନିର୍ବାଚନରେ ସୁରେଶ ପୂଜାରୀ ତାଙ୍କ ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀ ଉର୍ବଶୀ ନାୟକଙ୍କୁ ୪ ଖଣ୍ଡ ଭୋଟରେ ପରାଜିତ କରି ବୁଧବାର ବିଜୟୀ ହୋଇଛନ୍ତି । ସେଲେଡି ସେବା ସମବାୟ ସଭାପତି ନିର୍ବାଚନରେ ସମୁଦାୟ ୧୨ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୮ଜଣ ନିର୍ଦ୍ଦେଶକ ସୁରେଶଙ୍କୁ ଭୋଟ ପ୍ରଦାନ କରିଥିବା ବେଳେ ଉର୍ବଶୀଙ୍କୁ ୪ଟି ଭୋଟ୍ ତାଙ୍କ ସମର୍ଥକ ଦେଇଥିଲେ । ୪ଟି ଭୋଟରେ ବିଜୟ ଲାଭ କରିଥିବା ସୁରେଶଙ୍କୁ ପ୍ୟାକ୍ସ ସଭାପତି ଭାବେ ଘୋଷଣା କରାଯାଇଛି ।

### ଶିକ୍ଷକ ସଂଘ ବୈଠକ

**ଜାମଟିକ୍ରା, ୧୩।୭(ଡି.ଏନ.ଏ.):** ଅତାବିରା ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସମନ୍ୱିତ ଶିକ୍ଷକ ସଂଘର ଏକ ବୈଠକ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘକୁ ସୁଦୃଢ଼ କରିବା ପାଇଁ ଏବଂ ପଦୋନ୍ନତିରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦୋରା, କୋଷାଧ୍ୟକ୍ଷ ସୁରେନ୍ଦ୍ର ଭୂସାଗର, ସହକୋଷାଧ୍ୟକ୍ଷ ନନ୍ଦିଘୋଷ ଭୁଏ ଏବଂ ସଦସ୍ୟ ଉଦ୍ଧବ ମହାନନ୍ଦ ନିଜ ମତ ଉପସ୍ଥାପନ କରିଥିଲେ। ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ସାମ୍ବାଦିକଙ୍କ ମାତୃ ବିୟୋଗ

**ବିନିକା,୧୩।୭(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହରର ଗୌଡପଡାରେ ରହୁଥିବା ବିଶିଷ୍ଟ ଆଇନଜୀବୀ ତଥା ସାମ୍ବାଦିକ ବିରେନ୍ଦ୍ର ପୋଢ ଏବଂ ସାମ୍ବାଦିକ ଦେବବ୍ରତ ପୋଢଙ୍କ ମା' ଜାହ୍ନବୀ ପୋଢ(୬୧)ଙ୍କ ପରଲୋକ ହୋଇଯାଇଛି । ଗତ ୧୦ଦିନ ହେଲା ଜାହ୍ନବୀ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ମରଶରୀର ଭୁବନେଶ୍ୱରରୁ ଗାଁକୁ ଅଣାଯାଇ ବୁଧବାର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ଦେବବ୍ରତ ମୁଖାଗ୍ନି ଦେଇଥିଲେ । ମୃତ ଜାହ୍ନବୀ ଜଣେ ଧର୍ମପରାୟଣା ମହିଳା ଭାବେ ଜଣାଶୁଣା ଥିଲେ ।

## ରାଜ ବୋଡାସମ୍ବର କୃଷକ ସଂଗଠନର ବୈଠକ

**ପାଇକମାଲ, ୧୩।୭(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ରାଜବୋଡା ସମ୍ବର କୃଷକ ସଂଗଠନର ଏକ ଜରୁରୀ ବୈଠକ ବିଶ୍ୱନାଥ ରଣାଙ୍କ ଅଧ୍ୟକ୍ଷତାରେ ନୃସିଂହ ନାଥ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୧୮ତାରିଖ ସୋମବାର ପଦ୍ମପୁର ସବ୍‌ଡିଜନର ସମସ୍ତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବ ସହ ରାସ୍ତା ଜାମ କରାଯିବା ପାଇଁ ସଂଘ ତରଫରୁ ଯେଉଁ ନିଷ୍ପତ୍ତି ନିଆଯାଇଛି ସେଥିରେ ସଂଗଠନ ସାମିଲ ହେବ। ଏହିଦିନ ପାଇକମାଳର ସମସ୍ତ ଦୋକାନ ସରକାରୀ ଅଫିସ ବନ୍ଦ କରି ପାଇକମାଲ ମୁଖ୍ୟ ଛକ ରେ ଆନ୍ଦୋଳନ କରିବା ବୋଲି ରଣା କହିଥିଲେ। ଏହା ସହିତ ବୀମା କମ୍ପାନୀ ୨୦୨୧ର ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଏ ଯାଏ ଚାଷୀମାନଙ୍କୁ ଦେଇ ନ ଥିବାରୁ ଏହି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଏଥିରେ ବରିଷ୍ଠ ନାଗରିକ ସଂଘ ସଭାପତି ନନ୍ଦଲାଲ ତ୍ରିବେଦୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଅନିଲ କାଳିଆ, ଗନ୍ଧମାର୍ଦନ ଯୁବ ପରିଷଦ କେନ୍ଦ୍ରୀୟ ଆବାହକ ରବିବାର ନାରାୟଣ ସାହୁ, ବ୍ଲକ କଂଗ୍ରେସ ସଭାପତି ବିନୋଦ ବିଶ୍ୱାଳ ତଥା କୃଷକ ସଂଘର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଶେଷରେ କୃଷକ ସଂଘ ସମ୍ପାଦକ ବାଳକୃଷ୍ଣ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଆଇଟି-ଜେଇଇ(ମେନ୍) ପରୀକ୍ଷାରେ ବିକାଶର ସଫଳତା

**ବରଗଡ଼ ଅଫିସ୍,୧୩।୭**


ଅଂଶୁମାନ ଅଗ୍ରୱାଲ


ଅଶ୍ମି ଅରୂପା ବିଶ୍ୱାଳ


ଓମ୍ କୁମାର ରଥ

ଆଇଆଇଟି-ଜେଇଇ (ମେନ୍) ସେସନ୍-୧ ପ୍ରବେଶିକା ପରୀକ୍ଷାରେ ବିକାଶ ଗ୍ରୁପର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ଜଣ ବରଗଡ଼ ଶାଖାର ଅଂଶୁମାନ ଅଗ୍ରୱାଲ ଏବଂ ଅଶ୍ମି ଅରୂପା ବିଶ୍ୱାଳ ୯୮ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିପରି ୭୦ଜଣ ନିର୍ଦ୍ଧାରିତ କଟ୍‌ଅଫ୍ ପରସେଣ୍ଟେଜରୁ ଅଧିକ ମାର୍କ ପାଇଛନ୍ତି। ବରଗଡ଼ ଶାଖାର ଓମ କୁମାର ରଥ ୯୭.୯୯ ପ୍ରତିଶତ ରଖିଛନ୍ତି। ସେହିପରି ଉକ୍ତ ଶାଖାର ଦେବବ୍ରତ ପଣ୍ଡା, ଆଦିତ୍ୟ କୁମାର କାତାରୁକା, ଅଂଶୁମାନ ସାହୁ, ଅଙ୍କିତ ଅଗ୍ରୱାଲ, ବଂଶିକା ଅଗ୍ରୱାଲ, ଅଭୟ ରଞ୍ଜନ ଦାଶ, ସୁମିତ କୁମାର ସାହୁ ୯୭ପ୍ରତିଶତ, ଦାମୋଦର ଅଗ୍ରୱାଲ, ଓମକାର୍ ପଣ୍ଡା ୯୬ପ୍ରତିଶତ, ଅନ୍ୱେଷ ସାହୁ, ତେଜରାଜ ସାହୁ, ରିତିକ କୁମାର ଦାଶ, ସାତ୍ୱିକ ସଂକଳ୍ପ ଖମାରୀ ୯୫ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ଭୁବନେଶ୍ୱର ଶାଖାର ହରିହର ଜଗଦେବ, କୌଶିକ ମହାପାତ୍ର ୯୭ପ୍ରତିଶତ, ସନତ କୁମାର ସାହୁ ପ୍ରମୁଖ ୯୫ପ୍ରତିଶତରୁ ଅଧିକ ମାର୍କ ପାଇଛନ୍ତି ।

ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜଡ୍ ଏଣ୍ଟ୍ରାନ୍ସ ଏକାଡ଼େମୀର ପାଠ୍ୟ କାର୍ଯ୍ୟକ୍ରମ ଯୋଗୁ ଛାତ୍ରୀଛାତ୍ର ଏହି ସଫଳତା ପାଇଛନ୍ତି ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ପ୍ରକାଶ କରିଛନ୍ତି। ଏଥିପାଇଁ ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତିଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ପରିଶ୍ରମକୁ ଏହାର ଶ୍ରେୟ ଦେଇଛନ୍ତି। ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ବିବେକ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପୁରୀ ବାହୁଡା ଯାତ୍ରା ଡ୍ୟୁଟିରେ ଯାଇଥିବା ହାବିଲଦାରଙ୍କ ମୃତ୍ୟୁ

**ଅମରପାଲି,୧୩।୭(ଡି.ଏନ.ଏ.)**


ବିରଞ୍ଚି ପୁଟା । (ଫାଇଲ ଫଟୋ)

ପୁରୀ ବାହୁଡା ଯାତ୍ରା ଡ୍ୟୁଟିରେ ଯାଇଥିବା କ୍ରାଇମ ହାବିଲଦାର ବିରଞ୍ଚି ପୁଟାଙ୍କ ଗତ ୧୧ ତାରିଖରେ ମୃତ୍ୟୁ ଘଟିଛି । ସେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନାରେ କାର୍ଯ୍ୟ କରୁଥିବା ବେଳେ ପୁରୀ ବାହୁଡାଯାତ୍ରାକୁ ଡ୍ୟୁଟିରେ ଯାଇଥିଲେ। ମାତ୍ର ସେଠାରେ କାର୍ଯ୍ୟରତ ସମୟରେ ଅସୁସ୍ଥ ହୋଇ ପଡିଥିଲେ । ବାହୁଡା ଯାତ୍ରା କାର୍ଯ୍ୟ ସାରି ୧୦ ତାରିଖରେ ପୁଣି ତାଙ୍କ କାର୍ଯ୍ୟ କରିଥିଲେ ପୁରୀରେ । କିନ୍ତୁ ସେହିଦିନ ହଠାତ୍ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପୁରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଆହୁରି ଖରାପ ହେବାରୁ ତାଙ୍କୁ ୧୧ତାରିଖରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେହିଦିନ ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଥିଲା । ମଙ୍ଗଳବାର ସକାଳେ ବିରଞ୍ଚିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ସନ୍ଧ୍ୟାରେ ମୃତ ହାବିଲଦାର ବିରଞ୍ଚିଙ୍କ ମରଶରୀର ପ୍ରଥମେ ସୁବଳୟା ଥାନାକୁ ଅଣାଯାଇଥିଲା। ଥାନା ପରିସରରେ ସୁବଳୟା ଥାନା ଅଧିକାରୀ ଅନିତା କିଡୋ,ଏସ ଆଇ ଦିପ୍ତି ରଞ୍ଜନ ଦିଗାଲ,ଅନ୍ୟାନ୍ୟ ପୋଲିସ କର୍ମଚାରୀ ତଥା ସୁବଳୟା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେଠାରୁ ତାଙ୍କ ମରଶରୀର ବୀରମହାରାଜପୁର ମୁଖ୍ୟ ଛକଠାରେ ପହଞ୍ଚିବା ପରେ ବୀରମହାରାଜପୁର ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ଓ ସମସ୍ତ ପୋଲିସ ଅଧିକାରୀ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ସୁବର୍ଣ୍ଣପୁର ଜିଲା ପୋଲିସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରୁ ତାଙ୍କର ଜନ୍ମ ମାଟି ବଲାଙ୍ଗୀର ଜିଲା ପୁଇତଲା ନିକଟସ୍ଥ ଝଣ୍ଡାମୁଣ୍ଡା ଗ୍ରାମକୁ ନିଆଯାଇଛି। ସ୍ୱର୍ଗତ ପୁଟା ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବରେ ବେଶ ଜଣାଶୁଣା ଥିଲେ । ଘରେ ତାଙ୍କର ସ୍ତ୍ରୀ, ୨ ଝିଅ ଓ ତିନି ପୁଅ ଅଛନ୍ତି। ସରକାରୀ କାର୍ଯ୍ୟରେ ଥାଇ ବିରଞ୍ଚି ଙ୍କ ପରଲୋକ ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ତଥା ପରିବାରର ଜଣଙ୍କୁ ସରକାରୀ ଚାକିରୀ ଯୋଗାଇ ଦେବାକୁ ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ୧୮ରେ ଚାଷୀଙ୍କ ରେଳରୋକୋ

**ବରଗଡ଼ ଅଫିସ୍,୧୩।୭**

ବରଗଡ଼ ଜିଲାର କ୍ଷତିଗ୍ରସ୍ତ ଚାଷୀମାନେ ଗତ ୨୦୨୧ ମସିହା ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ପାଇ ନଥିବା ଯୋଗୁ ଜିଲାରେ ଆନ୍ଦୋଳନ ତେଜି ଉଠିଛି। ବୀମା କମ୍ପାନୀ ବିରୋଧରେ ଚାଷୀଙ୍କ ସ୍ୱର ତେଜିବାରେ ଲାଗିଛି। ଆସନ୍ତା ୧୮ତାରିଖ ରାଜବୋଡ଼ାସମ୍ବର କୃଷକ ସଂଗଠନ ପଦ୍ମପୁର ଉପଖଣ୍ଡ ବନ୍ଦ ଡାକରା ଦେଇଥିବାବେଳେ ଏହି ଦିନ ବରଗଡ଼ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି ୨ଘଣ୍ଟିଆ ରେଲରୋକୋ କରିବ ବୋଲି ଘୋଷଣା କରିଛି। ବରଗଡ଼ ରେଳ ଷ୍ଟେଶନରେ ଉକ୍ତ ଦିନ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଷୀମାନେ ରେଲରୋକୋ କରିବେ ବୋଲି ସମିତିର ସଭାପତି ଜୟକୃଷ୍ଣ ସାହୁ ଏବଂ ସମ୍ପାଦକ କିଶୋର ଦେବତା ଏକ ବିବୃତିରେ ଜଣାଇଛନ୍ତି।

## ପଞ୍ଚାୟତର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଅମରପାଲି,୧୩।୭(ଡି.ଏନ.ଏ.)**

**କମିରା ପଞ୍ଚାୟତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର କମିରା ଗ୍ରାମ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଳିବାକୁ ଅନୁଦାନ ରାଶି ତଥା ସାହାଯ୍ୟ ସହଯୋଗ କରିବାକୁ ସରପଞ୍ଚ ଅନୁସୟା ପଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ସରପଞ୍ଚ ଦାବିପତ୍ରକୁ ଡାକ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ପଠାଇଛନ୍ତି। ସରପଞ୍ଚ ପଧାନ ପତ୍ରରେ ଦର୍ଶାଇଛନ୍ତି ଯେ, କମିରା ପଞ୍ଚାୟତ ବୀରମହାରାଜପୁର ବ୍ଲକ ସଦର ମହକୁମାରୁ ପ୍ରାୟ ୧୭ କିମି ଦୂରରେ ଥିବା ଏକ ଅବହେଳିତ ପଞ୍ଚାୟତ । ସମସ୍ୟାବହୁଳ ଉକ୍ତ ପଞ୍ଚାୟତରେ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାମ ହୋଇପାରି ନାହିଁ । ସରକାରଙ୍କ ୫-ଟି ଯୋଜନା ପରେ ମଧ ଅନେକ କାମ ଅଧୁରା ହୋଇ ରହିଛି। ପଞ୍ଚାୟତରେ କମିରା ସ୍ଥିତ ବାପୁଜୀ ହାଇସ୍କୁଲ ଏକମାତ୍ର ହାଇସ୍କୁଲ। ମାତ୍ର ଉକ୍ତ ହାଇସ୍କୁଲରେ ଆବଶ୍ୟକ ସଂଖ୍ୟ ଶ୍ରେଣୀଗୃହ ନ ଥିବା ବେଳେ ପାଠାଗାର,ଲାବରୋଟୋରୀ,କମ୍ପ୍ୟୁଟର ଶିକ୍ଷା ଅପହଞ୍ଚ ହୋଇ ରହିଛି। କମିରା ଗ୍ରାମର ଜିରୋ ପଏଣ୍ଟରୁ ଲକ୍ଷ୍ମୀ ଗାଁ ମୁଣ୍ଡ ଶେଷ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ।ଉକ୍ତ ରାସ୍ତା ଦେଇ ପ୍ରାୟ ୧୦ରୁ ୧୫ ଖଣ୍ଡ ଗ୍ରାମର ଲୋକେ ଯିବା ଆସିବା କରିବା ସହିତ ଛାତ୍ରୀଛାତ୍ର ସ୍କୁଲ କଲେଜ ଯିବା ଆସିବା କରନ୍ତି।ଏହା ସହିତ ପଞ୍ଚାୟତ କାର୍ଯ୍ୟାଳୟକୁ ଲୋକେ ମଧ ଯିବା ଆସିବା କରିଥାନ୍ତି । ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବା, କମିରା ପଞ୍ଚାୟତରେ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରି ସମସ୍ତ ଚାଷୀଙ୍କ ଚାଷ ଜମିକୁ ଜଳ ଯୋଗାଇ ଦେବା, ବୀରମହାରାଜପୁର ସଦର ବ୍ଲକ, ତହସିଲ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ମେଡିକାଲକୁ ସାଧାରଣ ଜନତାଙ୍କ ଯିବା ଆସିବା ପାଇଁ କମିରା ଗ୍ରାମରୁ ପଣ୍ଡୁଆ ନିକଟରେ ସୁରୁବାଲି ଯୋର ଉପରେ ସେତୁ ନିର୍ମାଣ କରିବା ପାଇଁ ସରପଞ୍ଚ ଦାବିକରିଛନ୍ତି।

## ପାକ୍ସ ସଭାପତି ନିର୍ବାଚନ

**ବରଗଡ଼ ଅଫିସ୍,୧୩।୭**

ବରଗଡ଼ ବ୍ଲକ ତୋରା ପ୍ରାଥମିକ କୃଷି ସମବାୟ ସଭାପତି ନିର୍ବାଚନ ଫଳାଫଳ ବୁଧବାର ପ୍ରକାଶ ପାଇଛି । ଏଥିରେ ଅନନ୍ତ ନାରାୟଣ ଭୋଇ ସଭାପତି ନିର୍ବାଚିତ ହୋଇଛନ୍ତି । ଫଳାଫଳ ଘୋଷଣା ହେବା ପରେ ତାଙ୍କ ସମର୍ଥକ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

## ପାଣି ଘେରରେ ଖେମେସରା ୟୁପି ସ୍କୁଲ

**ବରପାଲି, ୧୩।୭(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ଖେମେସରା ୟୁପି ସ୍କୁଲ ପରିସରରେ ବୁଧବାର ପ୍ରବଳ ବର୍ଷା ଯୋଗୁ ପାଣି ଜମି ରହିଥିଲା। ପିଲାମାନେ ଘେରରେ ବହୁ ସମୟ ଯାଏ ରହି ଯାଇଥିଲେ। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହେଉଛି।

## ବୀରମହାରାଜପୁର କଲେଜର ପ୍ରତିଷ୍ଠା ଦିବସ

**ଅମରପାଲି,୧୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର ୪୨ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ସୁଦାମ ଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଇଂରାଜୀ ପ୍ରାଧାପିକା ଗୀତାଞ୍ଜଳି ପୂଜାରୀ, ଗଣିତ ପ୍ରାଧାପକ ହୃଷୀକେଶ ପ୍ରଧାନ, ରସାୟନ ବିଜ୍ଞାନ ଅଧାପକ ବିରଞ୍ଚି ନାରାୟଣ ମିଶ୍ର, ବିପିନ ବିହାରୀ ଖମାରି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅଧାପକ ଯଜ୍ଞସର ବିଶି, ଡ. ଶିଶିର ବଣିଆ, ଅଧାପିକା ଯାମିନୀ ଦାଶ, ଗୌରାଙ୍ଗ ଜଗଦଲା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଅଧାପକ ପ୍ରକାଶ କୁମାର ସେଠ ସଭା ସଂଯୋଜନା କରିଥିବା ବେଳେ ଅଧାପିକା ଯାମିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତାମାନଙ୍କ ସ୍ମୃତିଚାରଣ କରାଯିବା ସହିତ ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟ କରିବାକୁ ଆହ୍ୱାନ ଦିଆଯାଇ ଥିଲା। ସଭା ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ଥିଲା। ବୃକ୍ଷରୋପଣ ସମୟରେ ମହାବିଦ୍ୟାଳୟର ଅଧକ୍ଷ,ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।



ବୀରମହାରାଜପୁର କଲେଜର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

## ସିଡିଏଓ ଅଫିସରେ ତାଲା ପକାଇଲେ

**ବରଗଡ଼ ଅଫିସ୍,୧୩।୭**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇଛି। ବୀମା ପ୍ରିମିୟମ ଭରିବା ସତ୍ତ୍ୱେ ଗତବର୍ଷ ଖରିଫରେ କ୍ଷତିଗ୍ରସ୍ତ ଅନେକ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ବୁଧବାର ଭାଜପା ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡ଼ିଏଓ)ଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ସହିତ ଧାରଣା ଦିଆଯାଇଥିଲା। ଭାଜପା ନେତା, କର୍ମୀ ଏଚଡ଼ିଏଫସି ଆଗ୍ରୋ ବୀମା କମ୍ପାନୀ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଆସନ୍ତା ୧୬ତାରିଖ ଜିଲାର ପ୍ରତ୍ୟେକ ତହସିଲରେ ଆନ୍ଦୋଳନ କରାଯିବା ବୋଲି ଭାଜପା ଘୋଷଣା କରିଛି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ଓବିସି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତା ସାହୁ, ପୂର୍ବତନ ବିଧାୟକ ମହମ୍ମଦ ରଫିକ୍, ସୁରେଶ୍ୱର ଶତପଥୀ, ପ୍ରୀତମ ସିଂଙ୍କ ସମେତ ବହୁସଂଖ୍ୟକ ଦଳୀୟ ନେତା,କର୍ମୀ ଉପସ୍ଥିତ ଥିଲେ ।


ସିଡିଏଓ ଅଫିସରେ ତାଲା ପକାଇ ଭାଜପା ନେତା,କର୍ମୀ ଧାରଣାରେ ବସିଛନ୍ତି ।